

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : wwwödhwanipratidhwaniönet

email: pratidhwaniödhwani@gmailöcom

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ରବିବାର ୦୮ ନଭେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮।୦ ■ Baleshwar ♦ SUNDAY 08 November 2026

Vol No 36 ■ No 292 ■ Price :Rs. 2.00 ( 8 pages) ■ RNI Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା


ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...




ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ଇସ୍ରାଏଲ ପାଇଁ ନୂଆ ସକାଳ: ଆଜି ପ୍ରଧାନମନ୍ତ୍ରୀ ଭାବେ ଆଇନୋଜେଟଙ୍କ ନାମ ହେବ ଘୋଷଣା



ନୂଆଦିଲ୍ଲୀ,୭/୧୧ : ଇସ୍ରାଏଲର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ, ସେନେଇ ରବିବାର ଘୋଷଣା କରିବେ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ। ସରକାର ଗଠନ ପାଇଁ ୬୧ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଗାଦି ଆଇଜେନକୋଟଙ୍କ ମେଣ୍ଟକୁ ୬ଟି ଦଳର ୬୭ ସାଂସଦ ସମର୍ଥନ କରିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ପାଖରେ ମାତ୍ର ୪୬ ସାଂସଦଙ୍କ ସମର୍ଥନ ଥିବା କୁହାଯାଉଛି। ଏହି କାରଣରୁ ରାଷ୍ଟ୍ରପତି ତାଙ୍କୁ ସରକାର ଗଠନର ପ୍ରଥମ ସୁଯୋଗ ନଦେଇପାରନ୍ତି ବୋଲି ଅନୁମାନ କରାଯାଉଛି। ଇସ୍ରାଏଲରେ ଏପର୍ଯ୍ୟନ୍ତ କୌଣସି ଏକକ ଦଳ ସ୍ପଷ୍ଟ ଅଧିକାଂଶ ହାସଲ କରିପାରିନାହିଁ। ସେଥିପାଇଁ ଏଠାରେ ପ୍ରାୟତଃ ମେଣ୍ଟ ସରକାର ଗଠିତ ହୋଇଆସୁଛି। ରାଷ୍ଟ୍ରପତି ହର୍ଜୋଗ ଗୁରୁବାର ନୂଆ ସଂସଦକୁ ନିର୍ବାଚିତ ସମସ୍ତ ଦଳର ନେତାଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ ଯେ ପ୍ରଥମ ଦୃଷ୍ଟିରେ ସାଂସଦମାନଙ୍କ ମତ ସ୍ପଷ୍ଟ ଲାଗୁଛି, କିନ୍ତୁ ବିଭିନ୍ନ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଅନେକ ପ୍ରସଙ୍ଗରେ ସହମତି ନାହିଁ। ତାଙ୍କ କହିବା ଅନୁସାରେ, ଦଳଗୁଡ଼ିକ ମଧ୍ୟରେ ପରସ୍ପରକୁ ନେଇ ଅନେକ ଆପତ୍ତି ରହିଛି। ସେଥିପାଇଁ କେବଳ ସାଂସଦଙ୍କ ସିଫାରିଶ ଆଧାରରେ କିଏ ସରକାର ଗଠନ କରିପାରିବେ, ତାହା ନିଶ୍ଚିତ କରିହେବ ନାହିଁ। ରାଷ୍ଟ୍ରପତି କହିଛନ୍ତି ଯେ ସେ କିଛି ଦଳୀୟ ନେତାଙ୍କ ସହ ପୃଥକ ଭାବେ ଆଲୋଚନା କରିବେ, ଯାହାଦ୍ୱାରା ସରକାର ଗଠନର ସମ୍ଭାବନା ଅଧିକ ସ୍ପଷ୍ଟ ହେବ। ଆଇଜେନକୋଟଙ୍କୁ ୬ଟି ଦଳର ୬୭ ସାଂସଦ ସମର୍ଥନ କରିଛନ୍ତି। ଏଥିରେ ୪ଟି ଯିହୁଦୀ ଦଳ ଏବଂ ୨ଟି ଆରବ ଦଳ ରହିଛି। ୪ଟି ଯିହୁଦୀ ଦଳ ପାଖରେ ମୋଟ ୪୮ଟି ଆସନ ରହିଛି, ଯେତେବେଳେ ୨ଟି ଆରବ ଦଳ ପାଖରେ ୧୯ଟି ଆସନ ରହିଛି। ସବୁଠାରୁ ବଡ଼ ସମସ୍ୟା ହେଉଛି, ଏହି ୬ଟି ଦଳ ମଧ୍ୟରୁ ୩ଟି ଯିହୁଦୀ ଦଳ ଆରବ ଦଳଗୁଡ଼ିକ ସହ ମିଶି ସରକାର ଗଠନ କରିବାକୁ ପ୍ରସ୍ତୁତ ନୁହନ୍ତି। ନିର୍ବାଚନ ପୂର୍ବରୁ ଆଇଜେନକୋଟ ମଧ୍ୟ ଆରବ ଦଳଗୁଡ଼ିକୁ ସରକାରରେ ସାମିଲ କରିବେ ନାହିଁ ବୋଲି କହିଥିଲେ। ଅନ୍ୟପଟେ ଆରବ ଦଳଗୁଡ଼ିକ କହିଛନ୍ତି ଯେ ନେତନ୍ୟାହୁଙ୍କୁ କ୍ଷମତାରୁ ଦୂରେଇବା ପାଇଁ ସେମାନେ ଆଇଜେନକୋଟଙ୍କୁ ସମର୍ଥନ କରୁଛନ୍ତି। ଅର୍ଥାତ୍ ରାଷ୍ଟ୍ରପତିଙ୍କ ସମ୍ମୁଖରେ ଆଇଜେନକୋଟଙ୍କ ପକ୍ଷରେ ୬୭ ସାଂସଦଙ୍କ ସିଫାରିଶ ଥିଲେ ମଧ୍ୟ, ଏହି ସଂଖ୍ୟା ନିଜେ ମେଣ୍ଟ ସରକାର ଗଠନର ଗ୍ୟାରେଣ୍ଟି ନୁହେଁ।

◆◆ପୃଷ୍ଠା ୭

# ବନ୍ୟା ଦୁର୍ଗତଙ୍କ ପାଇଁ ଦୀପାବଳି ପାଳିବେନି ମୋହନ-ନବୀନ



ଭୁବନେଶ୍ୱର, ୦୭/୧୧ (ନି.ପ୍ର): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଚଳିତବର୍ଷ ଦୀପାବଳି ପାଳନ କରିବେନି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଲୋକଙ୍କ ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ନିବାସରେ ଦୀପାବଳି ଉତ୍ସବ ପାଳନ ନକରିବାକୁ ନିଷ୍ପତ୍ତି ହୋଇଛି । ଏଥିସହ ମୁଖ୍ୟମନ୍ତ୍ରୀ ନିବାସକୁ କୌଣସି ଉପହାର କିମ୍ବା ଫୁଲତୋଡ଼ା ନଆଣିବାକୁ ଶୁଭେଚ୍ଛୁ ଓ ନାଗରିକଙ୍କୁ ଅନୁରୋଧ କରାଯାଇଛି । ବିପର୍ଯ୍ୟୟ ପ୍ରଭାବିତଙ୍କ ସହାୟତାରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ବନ୍ୟା ଦୁର୍ଗତ ଗଞ୍ଜାମ, ଗଜପତି ଓ କନ୍ଧମାଳବାସୀଙ୍କ ପ୍ରତି ସମବେଦନା ଜଣାଇ ଦୀପାବଳି ପାଳନ କରିବେନି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ । ବାତ୍ୟା ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଓ ଗଜପତିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ କନ୍ଧମାଳରେ ଭୂସ୍ଖଳନ ଯୋଗୁଁ ◆◆ପୃଷ୍ଠା ୭

# କୋଟିଆ ପରେ ମାଲକାନଗିରିର ଜୁମଡାଙ୍ଗ : ଆନ୍ଧ୍ରର ଲୋଲୁପ ଦୃଷ୍ଟି




ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଆନ୍ଧ୍ରରେ ଶେଷ ହେଲା ପଞ୍ଚାୟତ ନିର୍ବାଚନ। କୋରାପୁଟର କୋଟିଆ, ମାଲକାନଗିରିର ଜୁମଡାଙ୍ଗରେ ଲାଗି ରହିଥିବା ଛକାପଞ୍ଜା ସ୍ଥିତିରେ ଏକ ପ୍ରକାର ବିରାମ ଲାଗିଛି । ତେବେ ପ୍ରଶ୍ନ ଉଠୁଛି କାହିଁକି ଓଡ଼ିଶାରେ ଥାଇ ଆନ୍ଧ୍ର ଆଡ଼କୁ ଢଳୁଛନ୍ତି ଓଡ଼ିଆ । ସରକାରୀ ଯୋଜନାର ଲାଭ ପ୍ରଦାନ ଆଳରେ ଗାଁକୁ ଏକ ପ୍ରକାର ନିଜ କବ୍‌ଜାକୁକୁ ନେଇ ସାରିଛି ଆନ୍ଧ୍ର । ମାଲକାନଗିରି ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳସ୍ଥିତ ଜୁମଡାଙ୍ଗ। ଗାଁଟି ଆନ୍ଧ୍ର ଆଲୁରୀ ସିତାରାମରାଜୁ ଜିଲ୍ଲା ସୀମାରୁ ୫ କିଲୋମିଟର ଦୂରରେ ରହିଛି । ନଈ ପାହାଡ଼ଘେରା ଏହି ଗାଁରେ କନ୍ଧ ସମ୍ପ୍ରଦାୟର ୩୭ ପରିବାରରେ ଅଛନ୍ତି ୭୮ ଖଣ୍ଡ ଭୋଟର। କୋଟିଆ ପରି ଏଠାରେ କୌଣସି ସୀମା ବିବାଦ ନାହିଁ । ତଥାପି ଆନ୍ଧ୍ରର ଲୋଲୁପ ଦୃଷ୍ଟି ରହିଛି ଜୁମଡାଙ୍ଗ ଉପରେ । ଜୁମଡାଙ୍ଗ ଗାଁରେ ମାଳମାଳ ଯୋଜନା ଓଜାଡ଼ିଦେଇଛି ଆନ୍ଧ୍ର । ଦତଥାପି ସ୍ୱାଭିମାନ ଅଞ୍ଚଳବାସୀଙ୍କ ସ୍ୱାଭିମାନକୁ ଦୋହଲାଇପାରିନି ପଡ଼ୋଶୀ ରାଜ୍ୟ। ଆନ୍ଧ୍ରକୁ ଭୋଟ୍ ଦେବାକୁ ଯାଇନାହାନ୍ତି ଜୁମଡାଙ୍ଗବାସୀ। ହେଲେ 'ଓଡ଼ିଶା ମାଗଣା ବିଜୁଳି, ପିଇବା ପାଣି, ଆବାସ, ଆମ୍ବା ଓଡି ଯୋଜନା ଭଳି ୧୨ ଦଫା ଦାବି ପୂରା ନକଲେ ଆନ୍ଧ୍ରରେ ମିଶିବୁ' ବୋଲି ଚେତାବନୀ ଦେଇଛନ୍ତି । ସେପଟେ ଭୋଟରେ ସାମିଲ ହୋଇନଥିବାରୁ ◆◆ପୃଷ୍ଠା ୭

## ନିଲମ୍ବିତ ହେଲେ କଣ୍ଧମାଳ ବିଡିଓ: ସାମି ରେଡ୍ଡୀ ଜୟଶ୍ରୀଙ୍କ ବିରୋଧରେ ଆକ୍ସନ୍

ବୌଦ୍ଧ, ୦୭/୧୧ (ନି.ପ୍ର): ବୌଦ୍ଧ ଜିଲ୍ଲା କଣ୍ଧମାଳ ବିଡିଓ ସାମି ରେଡ୍ଡୀ ଜୟଶ୍ରୀ ନିଲମ୍ବିତ । ନଭେମ୍ବର ୬ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ନିଲମ୍ବନ କରାଯାଇଛି । ନିଲମ୍ବନ ଅବଧିରେ ସମ୍ବଲପୁରସ୍ଥିତ ରାଜସ୍ୱ ଡିଭିଜନାଲ କମିଶନର ବା ଆରଡିସିଙ୍କ କାର୍ଯ୍ୟାଳୟ ରହିବ ତାଙ୍କର ମୁଖ୍ୟାଳୟ । ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ି ପାରିବେ ନାହିଁ ବୋଲି ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି । ଏଥିସହ ସାମି ରେଡ୍ଡୀ ଜୟଶ୍ରୀଙ୍କ ବିରୋଧରେ ଆବଶ୍ୟକ ଅଭିଯୋଗପତ୍ର ଓ ସମ୍ପୃକ୍ତ ପ୍ରମାଣପତ୍ର ଦାଖଲ କରିବାକୁ ବୌଦ୍ଧ ଜିଲ୍ଲାପାଳଙ୍କୁ ମଧ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ଘରେ ନିଆଁ ଲାଗି ଚାଲିଗଲା ୪ ଜୀବନ: ଗୋଟିଏ ପରିବାରରେ ଛାଇଗଲା ଶୋକ

ଯାଜପୁର: ରାତିରେ ଘରେ ଲାଗିଲା ନିଆଁ, ଆଖି ପିଛୁଳାକେ ଜଳିଗଲା ପୂରା ଘର । ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ୪ ଜଣଙ୍କ ଦୁଃଖଦ ମୃତ୍ୟୁ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ଗ୍ରାମରେ । ମୃତକଙ୍କ ମଧ୍ୟରେ ଦୁଇ ମହିଳା, ଜଣେ ୧୦ ବର୍ଷର ଶିଶୁ ଓ ୮ ମାସର ଶିଶୁପୁତ୍ର ଅଛନ୍ତି। ଅନ୍ୟପଟେ ଏହି ଅଗ୍ନିକାଣ୍ଡରେ ପରିବାରର ଜଣେ ୨୨ ବର୍ଷୀୟ ଯୁବକ ଗୁରୁତର ହୋଇଛନ୍ତି । ସୂଚନା ଅନୁସାରେ, ନଳିପୁର ଗ୍ରାମର ସେକ୍ ନିଜାମଉଦ୍ଦିନଙ୍କ ଆଜବେଷ୍ଟସ ଘରେ ରାତି ପ୍ରାୟ ୮ଟା ସମୟରେ କୌଣସି କାରଣରୁ ନିଆଁ ଲାଗିଥିଲା। ଦେଖୁ ଦେଖୁ ନିଆଁ ସମଗ୍ର ଘରକୁ ବ୍ୟାପିଯାଇଥିଲା । ଫଳରେ ଘର ଭିତରେ ଥିବା ନିଜାମଉଦ୍ଦିନଙ୍କ ବଡ଼ବୋହୂ ତବ୍‌ସୁନି (୪୨), ଶାଶୂଘରୁ ଆସିଥିବା ଝିଅ ଗୁଲଫସା ବିବି (୨୭), ୧୦ ବର୍ଷର ନାତୁଣୀ ଓ ୮ ମାସର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ପରିବାରର ଅନ୍ୟ ଜଣେ

◆◆ପୃଷ୍ଠା ୭

# ଦେଶବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ


ନୂଆଦିଲ୍ଲୀ,୭/୧୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦେଶବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ପର୍ବ ଅନ୍ଧାର ଉପରେ ଆଲୋକ, ମନ୍ଦ ଉପରେ ଭଲ ଓ ନିରାଶା ଉପରେ ଆଶାର ଅନନ୍ତ ବିଜୟର ପ୍ରତୀକ। ସେ ଆଶା ପ୍ରକାଶ କରିଛନ୍ତି ଯେ, ଏହି ପର୍ବ ସମସ୍ତଙ୍କୁ ଦୟା ପ୍ରସାର କରିବା, ସକାରାତ୍ମକ ଚିନ୍ତାଧାରା ଗ୍ରହଣ କରିବା ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ପ୍ରେରଣା ଦେବ। ଭାରତ ସରକାରଙ୍କ 'ଜନ ସମ୍ପର୍କ



ପୋର୍ଟାଲ୍'ରେ ସେୟାର କରାଯାଇଥିବା ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦୀପାବଳି ଭାରତର ସମୃଦ୍ଧ ପରମ୍ପରାରେ ଗର୍ବ କରିବା ଓ ପାରସ୍ପରିକ ସଂହତିର ବନ୍ଧନକୁ ସୁଦୃଢ଼ କରିବାର ଏକ ଅବସର। ◆◆ପୃଷ୍ଠା ୭


15001/134/2627

सत्यमेव जयते





## ପବିତ୍ର ଦୀପାବଳି ଉପଲକ୍ଷେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ବ୍ରଜମୋହନ ରାମ)

OIPR: 15001/15001/2/26-27/0133

15001/134/2627







## ପବିତ୍ର ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

### ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଜୀବନରୁ ଅଜ୍ଞାନତାକୁ ଅପସାରିତ କରି ଜ୍ଞାନର ପରିପ୍ରକାଶ କରିବାର ମହାନ ପ୍ରତୀକ ହେଉଛି ପବିତ୍ର ଦୀପାବଳି । ଏହା ହେଉଛି ସମାଜିକ ସଂପ୍ରୀତି ଓ ସକାରାତ୍ମକ ମନୋଭାବର ଏକ ଉତ୍ସବ ।

ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

ଆସନ୍ତୁ, ଏହି ପର୍ବକୁ ସୁରକ ଷିତ ଓ ପରିବେଶ ଅନୁକୂଳ ଭାବେ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0133

# ବନ୍ୟପ୍ରାଣୀ ସଂରକ୍ଷଣ ଓ ଜନସଚେତନତା ଅଭିଯାନ: ଜନସହଭାଗିତା ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷାର ବାର୍ତ୍ତା




ନୀଳଗିରି ,୭/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ୍ କାଣ୍ଡଗରଡ଼ି ପଞ୍ଚାୟତ ଅନ୍ତର୍ଗତ ଦାରୁସାହି ଗ୍ରାମରେ ବନ୍ୟପ୍ରାଣୀ ସଂରକ୍ଷଣ ଓ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ଗ୍ରାମର ବିଭିନ୍ନ ବର୍ଗର ଅଂଶୀଦାର, ସ୍ଥାନୀୟ ଜନପ୍ରତିନିଧି ଓ ପରିବେଶପ୍ରେମୀମାନେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷାରେ ସମୁଦାୟର ଭୂମିକା ଏବଂ ଦାୟିତ୍ୱ ଉପରେ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଯୋଗାନନ୍ଦ ଦାସ, ପରିବେଶବିତ୍ ମନୋରଞ୍ଜନ ଦାସ ଏବଂ ବନରକ୍ଷୀ ପ୍ରଦୀପ କୁମାର ନାୟକ ଯୋଗଦେଇ ବନ୍ୟଜନ୍ତୁ ଓ ସେମାନଙ୍କର ପ୍ରାକୃତିକ ଆବାସସ୍ଥଳୀ ସୁରକ୍ଷାର ଗୁରୁତ୍ୱ ବିଷୟରେ ନିଜ ମତ ରଖିଥିଲେ। ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନଙ୍କ ପଦକ୍ଷେପ ଓ ଉଦ୍ୟମରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ଓ ପରିବେଶର ସୁରକ୍ଷା, ମଣିଷ-ବନ୍ୟଜନ୍ତୁ ସହାବସ୍ଥାନ ଏବଂ ସଂରକ୍ଷଣ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କ ସକ୍ରିୟ ଭାଗୀଦାରି। ବନ୍ୟଜନ୍ତୁଙ୍କ ସୁରକ୍ଷା କେବଳ ବନ ବିଭାଗର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକ ଓ ଗ୍ରାମବାସୀଙ୍କର ମଧ୍ୟ ସାମୂହିକ ଦାୟିତ୍ୱ ବୋଲି ମତପ୍ରକାଶ ପାଇଥିଲା। ବନ୍ୟଜନ୍ତୁଙ୍କୁ ଶିକାରରୁ ରକ୍ଷାକରିବା, ଆହତ ବନ୍ୟପ୍ରାଣୀଙ୍କ ସମ୍ପର୍କରେ ତୁରନ୍ତ ବନବିଭାଗକୁ ସୂଚନାଦେବା ଏବଂ ଜଙ୍ଗଲ ସମ୍ପଦର ସୁରକ୍ଷା ଦିଗରେ ସଚେତନ ରହିବାକୁ ଗ୍ରାମବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଉପସ୍ଥିତ ସମସ୍ତଙ୍କୁ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାକୁ ନେଇ ଏକ ଶପଥପାଠ କରାଯାଇଥିଲା।

# ସାଜସଜ୍ଜା ସହିତ ଚଳ ଚଞ୍ଚଳ ମା' ଭଦ୍ରକାଳୀ ପୀଠ : ମାହାଯଜ୍ଞର ରୌପ୍ୟ ଜୟନ୍ତୀ

ଭଦ୍ରକ,୭/୧୧ (ନି.ପ୍ର): ପରମ ବୈଷ୍ଣବୀ ଭଦ୍ରକ ର ଅଧିଷ୍ଠାତ୍ରୀ ଦେବୀ ମା ଭଦ୍ରକାଳୀ ପୀଠ ରେ ୮ ନଭେମ୍ବର ରବିବାର ଠାରୁ ପାଳିତ ହେବ ମହାଯଜ୍ଞ ର ରୌପ୍ୟ ଜୟନ୍ତୀ ଉତ୍ସବ। ସପ୍ତ ମାତୃକା ବେଶ ରେ ସାତ ଦିନ ଧରି ପୂଜା ପାଇବେ ମା ଭଦ୍ରକାଳୀ। ପୀଠ ରେ ମହାଯଜ୍ଞ ଓ ମା ଙ୍କ ର ସପ୍ତ ମାତୃକା ବେଶ ନିମନ୍ତେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ପୀଠ ରେ ମହାଯଜ୍ଞ ର ରୌପ୍ୟ ଜୟନ୍ତୀଉତ୍ସବ କୁ ଅତି ଆଡମ୍ବର ଓ ଯାକ ଜମକ ରେ ପାଳନ କରାଯାଉଛି। ସବୁଆଡେ ଆଲୋକ ମାଳା, ତୋରଣ ବିଭିନ୍ନ ସାଜ ସଜ୍ଜା ରେ ଅତି ଆକର୍ଷଣୀୟ ଦିଶୁଛି ମା ଭଦ୍ରକାଳୀ ଙ୍କ ପୀଠ। ଭକ୍ତ ମାନେ ଚଳିତ ବର୍ଷ ମା ଙ୍କୁ ଦର୍ଶନ କରିବା ସହିତ ପୀଠ ରେ ପବିତ୍ର ଶିବ ରତ୍ନ ମଣି ଓ ଦୁର୍ଲ୍ଲଭ ଗୋମତୀ ଚକ୍ର କୁ ଦର୍ଶନ କରି ଆଶୀର୍ବାଦ ପ୍ରାପ୍ତ ହେବେ।ପ୍ରଥମ ଦ୍ୱିସ ରବିବାର ମା ବେଦ ମାତା ବେଶ ରେ ଭକ୍ତ ଙ୍କୁ ଦର୍ଶନ ଦେବେ। ବେଦମାତ। ବେଶ ସହିତ ପୀଠ ରେ ଆରମ୍ଭ ହେବ ମହାଯଜ୍ଞ। ଏହି ମହାଯଜ୍ଞ ର ମାନସିକ କଳସ ଶୋଭା ଯାତ୍ରା ଅତି ନିଆରା ଢଙ୍ଗ ରେ ଆୟୋଜନ କରାଯାଇଚି। ଗଗନ ଗୁରୁଜୀ ଙ୍କ ମାର୍ଗ ଦର୍ଶନ ରେ ଦିବ୍ୟ ମହକୁମ୍ଭ ଶୋଭା ଯାତ୍ରା ଅନୁଷ୍ଠିତ ହେବ।୧୦୦୮ ଭକ୍ତ ଘଟୋତ୍ତଳନ କରୁଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦ହଜାର ଭକ୍ତ ସମାଗମ ହେବ ବୋଲି ଆକଳନ କରାଯାଇଛି। ଗୁଜୁରାଟ ରୁ ଆସିଥିବା ନିଆରା ମୁଚୁଳ। ରେ ମହିଳା ଭକ୍ତ ଘଟ ମୁଣ୍ଡ ରେ ରଖିବେ। ମହିଳା ମାନେ ତିନି ଭାଗ ରେ ବିଭକ୍ତ ହୋଇ ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀ ଙ୍କ ଉଦ୍ଦେଶ୍ୱରେ ଲାଲ, କାଳ ଓ ହଳଦୀ ରଙ୍ଗ ର ଶାଢ଼ୀ ପରିଧାନ କରିବେ। ଆଗରେ ସେବାୟତ ଦୁଇ ଜଣ ପଣସ ଓ ଅନ୍ୟ ଦୁଇ ସେବାୟତ ଲାଲ କଦଳୀ ଗଛ ଧରି ଶୋଭାଯାତ୍ରା ରେ ଚାଲିବେ। ଦୁଇ ଜଣ ମା ଙ୍କ ସେବକ ରାଜା ଓ ରାଣୀ ବେଶ ରେ ମାନସିକ କଳସ ଯାତ୍ରା ରେ ଆଗରେ ରହିବେ। ଶୋଭାଯାତ୍ରା ର ଏହି ରୂପ ତଥା ନିୟମ କୁ ଶାସ୍ତ୍ରୀୟ ନିତି ଅନୁସାରେ କର। ଯାଉଛି। ତିନି ପ୍ରକାର ବାଦ୍ୟ ଓ ଭଜନ କୀର୍ତ୍ତନ,ବେଦ ପାଠ ରେ ଭକ୍ତ ମାନେ ଗ୍ରାମ ପରିକ୍ରମା ପୂର୍ବକ ପବିତ୍ର ସାଳନ୍ଦୀ ନଦୀ ରୁ ଜଳ ଉଠାଇ ମନ୍ଦିର କୁ ଆଣି କଳସ



ମଣ୍ଡପ ରେ ଘଟ ସ୍ଥାପନା କରିବେ। କଳସ ମଣ୍ଡପ ରେ ଘଟ ସ୍ଥାପନା ପରେ ଯଜ୍ଞ ମଣ୍ଡପ ର ପୂଜା ରିତି ନୀତି କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ମା ଭଦ୍ରକାଳୀ ଙ୍କ ପୀଠ ରେ ଏକ ଆଧାତ୍ମିକ ପରିବେଶ ସହିତ ସଂସାର ର ମଙ୍ଗଳ କାମନା ପୂର୍ବକ ଏହି ମହାଯଜ୍ଞ କରାଯାଉଛି ବୋଲି ଏହାର ବାର୍ତ୍ତା ଦେଶ ବିଦେଶ ତଥା ଦେବାଲୋକ ପର୍ଯ୍ୟନ୍ତ ପ୍ରେରଣ କାରାଯିବ। ବାର୍ତ୍ତା ପ୍ରେରକ ରୁପେ ମହେନ୍ଦ୍ର ଗିରୀ ପର୍ବତ ରୁ ଆସିଥିବା ଦୁଇଟି ଶୁଭ ବିହଙ୍ଗ କୁ ମା ଙ୍କ ମନ୍ଦିର ଶିଖର ରୁ ଉଡ଼ାଇ ଦିଆଯିବ। ଏହାର ଶାସ୍ତ୍ରୀୟ ମତ କୁ ମଧ୍ୟ ଭକ୍ତ ମାନଙ୍କ ସମ୍ମୁଖରେ ରଖାଯିବ। ମାନସିକ ଧାରୀ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ମନ୍ଦିର ପ୍ରସାଶନ ରରଫରୁ ପ୍ରସାଦ ବଣ୍ଟନ କରାଯିବା ର ବ୍ୟବସ୍ଥା କରାଯାଇଚି। ମହାଯଜ୍ଞର ପ୍ରତ୍ୟେକ ଦ୍ୱିସ ରେ ପୀଠ ରେ ଚଣ୍ଡୀ ପାଠ, ଭାଗବତ ପାଠ, ରୁଦ୍ରାଭିଶେକ, ଗୀତା ପାଠଓ ବେଦ ମନ୍ତ୍ର ରେ ପୀଠ ପ୍ରକମ୍ପିତ ହେବ। ନିଆରା ଆଧାତ୍ମିକ ପରିବେଶ ରେ ଭକ୍ତ ମାନେ ମାଙ୍କୁ ଦର୍ଶନ କରି କୃତାର୍ଥ ହୋଇ ପାରିବେ। ପୀଠ ରେ ପ୍ରତ୍ୟେକ ସନ୍ଧ୍ୟାରାଜ୍ୟ ସରକାର ଙ୍କ ସଂସ୍କୃତି ବିଭାଗ ଦ୍ୱାରା ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ସାତ ଦିନ ମଧ୍ୟରେ ପାଲା, ପ୍ରବଚନ, ନୃତ୍ୟ, ପାଇକ ଆଖଡ଼ା, ଗୋଟିପୁଅ ନାଚ, କଲା ଜିବି ଙ୍କ ନୃତ୍ୟ, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟ କ୍ରମ ପରିବେଶନ ହେବ। ଗୋଟିଏ ଦିନ ସନ୍ଧ୍ୟା ରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଙ୍କ ମାର୍ଗ ଦର୍ଶନ ରେ ବିଭିନ୍ନ ଧାମ ରୁ ସାଧୁ ସନ୍ଥ ମାନେ ମା ଙ୍କ ପୀଠକୁ ଆସି ପୀଠ ରେ ମା ଙ୍କ ଉଦଦେଶ୍ୟରେ ଦିବ୍ୟ ଆରତୀ କରିବାର କାର୍ଯ୍ୟ କ୍ରମ ସ୍ଥିର ହୋଇଛି। ଭକ୍ତ ମାନଙ୍କ ଭିଡ଼ ନିମନ୍ତେ ପୋଲିସ ପ୍ରସାଶନ ତତ୍ପରତା ପ୍ରକାଶ କରିଛି। ଜିଲ୍ଲା ପ୍ରସାଶନ ମଧ୍ୟ ସବୁ କାର୍ଯ୍ୟ ରେ ସହଯୋଗ କରୁଛି। ସେବାୟତ, ପୂଜକ, ଗ୍ରାମବାସୀ ଶ୍ରଦ୍ଧାଳୁ ଭକ୍ତ ମାନେ ମାଙ୍କ ର ସପ୍ତ ମାତୃକା ବେଶ ଓ ମହାଯଜ୍ଞ କୁ ଭବ୍ୟ ଦିବ୍ୟ କରିବା ନିମନ୍ତେ ନିଜ ନିଜ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା: ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ଦିଗଦର୍ଶକ

ବାଲେଶ୍ୱର,୭/୧୧ (ନି.ପ୍ର): ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ଦିଗଦର୍ଶକ। ସେମାନଙ୍କ ଅଭିଜ୍ଞତା ହିଁ ବର୍ତ୍ତମାନ ପିଢ଼ିକୁ ସଠିକ୍ ମାର୍ଗ ଦର୍ଶାଇ ପାରିବ ବୋଲି ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲାସ୍ତରୀୟ ସାଧାରଣ ସଭାରେ ଅତିଥିଭାବେ ଯୋଗ ଦେଇ ଶୁକ୍ରବାର ଦିନ ବାଲେଶ୍ୱରର ବିଧାୟକ ମାନସ କୁମାର ଦତ୍ତ ଏହି ମନ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠନାଗରିକମାନଙ୍କ ପାଇଁ ଜିଲ୍ଲାସ୍ତରରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ସେ ବିଧାୟକଙ୍କ ପାଣ୍ଠିରୁ ଅର୍ଥ ପ୍ରଦାନ ନିମିତ୍ତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠାତା ସଂପାଦକ ସ୍ୱର୍ଗତ ଲକ୍ଷ୍ମୀଧର ବେହେରାଙ୍କ ପତ୍ନୀ ଜ୍ୟୋସ୍ନାରାଣୀ ବେହେରାଙ୍କୁ ମଞ୍ଚ ପକ୍ଷରୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ।




ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳା ମନ୍ଦିର ପ୍ରେକ୍ଷାଳୟରେ ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ଦାମୋଦର ନାୟକ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଶାଖାସ୍ତରୀୟ ସଂଗଠନରୁ ଆସିଥିବା ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ସଂପାଦକୀୟ ବିବରଣୀ ଓ ଆୟବ୍ୟୟର ହିସାବ ଆଗତ କରିଥିଲେ। ଉପଦେଷ୍ଟା ମଣ୍ଡଳୀରୁ ଗିରିଶ ଚନ୍ଦ୍ର ଦାସ, କମଳାକାନ୍ତ ବେହେରା, ସୀତାରାମ ପ୍ରଧାନ ଓ ବିପ୍ଳବ କୁମାର ମହାନ୍ତି ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆଲୋଚନାରେ ବିଭିନ୍ନ ବ୍ଲକ୍ ଓ ଶଶଖା କମିଟି ପକ୍ଷରୁ ବିଧାନ ଚନ୍ଦ୍ର ରାୟ, କୁମୁଦ ରଞ୍ଜନ ଗିରି, ପ୍ରଶାନ୍ତ କୁମାର ବରାଳ, ଶାନ୍ତନୁ କୁମାର ବେହେରା, ବୀରେନ୍ଦ୍ର ନାୟକ, ଡ. ଅରବିନ୍ଦ ବେଜ, ନିତ୍ୟାନନ୍ଦ କର, ବସନ୍ତ ମହାପାତ୍ର ଓ ବିଜୟ କୁମାର ନନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୁଃସ୍ଥ ବରିଷ୍ଠ ନାଗରିକମାନଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ପ୍ରଦାନ, ରେଳ ଟିକେଟରେ ବରିଷ୍ଠ ନାଗରିକମାନଙ୍କ ପାଇଁ ରିହାତିର ପୁନଃ ପ୍ରଚଳନ, ଜିଲ୍ଲା ଓ ବ୍ଲକ୍ ସ୍ତରରେ କମ୍ୟୁନିଟି ସେଣ୍ଟର ନିର୍ମାଣ, ସବ୍‌ଡିଭିଜନ୍‌ସ୍ତରୀୟ ବରିଷ୍ଠ ନାଗରିକ ଟ୍ରିବ୍ୟୁନାଲ୍‌କୁ କାର୍ଯ୍ୟକ୍ଷମ କରିବା, ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାଙ୍କୁ ସାମିଲ କରିବା, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ନାଗରିକମାନଙ୍କୁ ଚିକିତ୍ସା ପାଇଁ ପ୍ରାଥମିକତା ଦେବା ଓ ସମନ୍ୱିତ ବହୁମୁଖି ପ୍ରକଳ୍ପ (ଆଇ.ଆଇ.ସି) ନିର୍ମାଣ ପାଇଁ ପୂର୍ବନିର୍ଦ୍ଧାରିତ ସ୍ଥାନରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପ୍ରଭୃତି ଦାବି ଉପରେ ପ୍ରତିନିଧିମାନେ ସେମାନଙ୍କ ଯୁକ୍ତି ଉପସ୍ଥାପିତ କରିଥିଲେ। ଆସନ୍ତା ଡିସେମ୍ବର ମାସ ୨ୟ ସପ୍ତାହରେ ଏହିସବୁ ଦାବିକୁ ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ପାଇଁ କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଦେଇଥିବା ପ୍ରସ୍ତାବ ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ 'ହେଲ୍ପ ଏଜ୍ ଇଣ୍ଡିଆ'ର ରାଜ୍ୟ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ୨୦୦୭ ମସିହାରେ ବରିଷ୍ଠ ନାଗରିକମାନଙ୍କ ପାଇଁ କେନ୍ଦ୍ର ସରକାର ଓ ୨୦୦୯ରେ ରାଜ୍ୟ ସରକାର ପ୍ରଣୟନ କରିଥିବା ଆଇନଗୁଡ଼ିକ ଏବଂ 'ସାଇବର ଫ୍ରଡ୍' ଉପରେ ଏକ ସଚେତନତା କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ୟାମସୁନ୍ଦର ଜେନା, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ବଂଶୀଧର ନାୟକ ପ୍ରମୁଖ ସହଯୋଗ କରିଥିଲେ। କୋଷାଧକ୍ଷ ଲକ୍ଷ୍ମୀନାରାୟଣ ଘୋଷ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ: ସୃଜନଶୀଳ କାର୍ଯ୍ୟକଳାପ ମାଧ୍ୟମରେ ପିଲାମାନଙ୍କ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ହୋଇଥାଏ

ବଲାଙ୍ଗୀର,୭/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲବାର ଯୋଗଦେଇ ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ 'ସମୃଦ୍ଧ ଭାଷା ଓ ସମୃଦ୍ଧ ଓଡ଼ିଶା' ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହ ଶିକ୍ଷା କେବଳ ପାଠ୍ୟ ପୁସ୍ତକ ମଧ୍ୟରେ ସୀମିତ ନୁହେଁ। ଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, କୁଇଜ, ନାଟକ ଓ ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳା ମାଧ୍ୟମରେ ପିଲାମାନଙ୍କ ବ୍ୟକ୍ତିତ୍ୱର ସର୍ବାଙ୍ଗୀଣ ବିକାଶ ହୋଇଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ।
ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ସୁଶ୍ରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଜିଲ୍ଲାର ୧୪ଗୋଟି ବ୍ଲକରୁ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ ବହୁ ସଂଖ୍ୟାରେ ଗାଇଡ଼ ଶିକ୍ଷକ ଓ ଗାଇଡ଼ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରବନ୍ଧ, ସୁନ୍ଦର ହସ୍ତାକ୍ଷର, ତର୍କ, ଚିତ୍ରାଙ୍କନ, କୁଇଜ୍, ବକ୍ତୃତା, ପିଏମ୍ ପୋଷଣ ଚିତ୍ରକଳା, ଶିଳ୍ପକଳା, ସଙ୍ଗୀତ ଓ ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଭାଗନେଇ ନିଜର ପ୍ରତିଭା ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଯୋଗଦେଇ ନିଜ ବକ୍ତବ୍ୟରେ ଭଲ ମଣିଷ ହେବା ପାଇଁ ଜ୍ଞାନ ସହିତ ଶୃଙ୍ଖଳା, ସୃଜନଶୀଳତା, ନୈତିକତା, ସହଯୋଗ ଓ ନେତୃତ୍ୱ ଗୁଣର ଆବଶ୍ୟକତା ରହିଛି। ଏହିସବୁ ଗୁଣର ବିକାଶ ପାଇଁ ସୁରଭି ଏକ ଉପଯୁକ୍ତ ମଂଚ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ଯୋଗଦେଇ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଶିଶୁର ପ୍ରତିଭାକୁ ଚିହ୍ନଟ କରି ତାକୁ ଉପଯୁକ୍ତ ସୁଯୋଗ ଓ ମାର୍ଗଦର୍ଶନ ଦେଲେ ପ୍ରତ୍ୟେକ ଶିଶୁ ନିଜର ସ୍ୱପ୍ନକୁ ସାକାର କରିବାର ସୁଯୋଗ ପାଇବେ ବୋଲି କହିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଅଳକା ଦାଶ ଓ ଶୈଳେନ୍ଦ୍ରି ପରିଡ଼ା କରିଥିବାବେଳେ ପ୍ରଧାନ ଶିକ୍ଷକ ନବଘନ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି,ଶିକ୍ଷକ ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ସହ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଯୁବ ଅଲିମ୍ପିକ୍ସରେ ତାନଭି ପତ୍ରୀଙ୍କ ଐତିହାସିକ ରୌପ୍ୟ ପଦକ: କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୭/୧୧ (ନି.ପ୍ର): ସେନେଗାଲର ରାଜଧାନୀ ଡାକାରଠାରେ ଆୟୋଜିତ ଯୁଥ୍ ଅଲିମ୍ପିକ୍ସ ୨୦୨୬ର ବ୍ୟାଡମିଣ୍ଟନ ମହିଳା ଏକକ ବର୍ଗରେ ଐତିହାସିକ ରୌପ୍ୟ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିବା ଭାରତର ଯୁବ ବ୍ୟାଡମିଣ୍ଟନ ତାରକା ତାନଭୀ ପତ୍ରିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ। ମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ନିଜର ଶୁଭେଚ୍ଛା ବାର୍ତ୍ତାରେ ତାନଭୀଙ୍କ ଏହି ଐତିହାସିକ ସଫଳତାକୁ ନେଇ ଗର୍ବ ପ୍ରକାଶ କରିଛନ୍ତି। ମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ନିଜର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ, ସେନେଗାଲର ଡାକାରଠାରେ ଆୟୋଜିତ ଯୁବ ଅଲିମ୍ପିକ୍ସ ୨୦୨୬ ବ୍ୟାଡମିଣ୍ଟନରେ ଐତିହାସିକ ରୌପ୍ୟ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିବା ଭାରତର ଯୁବ ବ୍ୟାଡମିଣ୍ଟନ ତାରକା ତାନଭୀ ପତ୍ରିଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ! ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ଚୀନର ଝାଙ୍ଗ ୟି ସିନ୍‌ଙ୍କ ବିପକ୍ଷରେ ୨୧-୧୫, ୧୩-୨୧, ୨୪-୨୬ରେ ଏକ କଡ଼ା ଓ ସଂଘର୍ଷପୂର୍ଣ୍ଣ ମୁକାବିଲା କରି ତାନଭୀ ଏହି ଆକର୍ଷଣୀୟ ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ସେମିଫାଇନାଲ୍‌ରେ ଜାପାନର ୟୁଜୁନୋ ୱାତାନାବେଙ୍କୁ ୨୧-୧୪, ୧୧-୨୧, ୨୧-୧୯ରେ ପରାସ୍ତ କରି ଯୁବ ଅଲିମ୍ପିକ୍ସ ଫାଇନାଲ୍‌ରେ ପହଞ୍ଚିବାରେ ସେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ନୂଆ ଇତିହାସ ରଚିଥିଲେ। ଫାଇନାଲ୍ ପର୍ଯ୍ୟନ୍ତ ତାନଭୀଙ୍କର ଏହି ଅତୁଳନୀୟ ଧୈର୍ଯ୍ୟ, ନିଷ୍ଠା ଓ ଶ୍ରେଷ୍ଠ କ୍ରୀଡ଼ାନୈପୁଣ୍ୟ ସମଗ୍ର ଦେଶ ତଥା ଆମ ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ବଡ଼ ଗର୍ବ ଓ ପ୍ରେରଣାର ବିଷୟ।

# ସୁରଭି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଆଦ୍ୟାଶା ଆଦିପ୍ରଜ୍ଞା ମନୋନୀତ

କେନ୍ଦୁଝର,୭/୧୧ (ନି.ପ୍ର): ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଉଲ୍ଲେଖନୀୟ ସଫଳତା ହାସଲ କରି ଗୌରବ ଆଣିଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚିକିରା, ଘଟଗାଁ ବ୍ଲକ୍‌ରେ ମେଧାବୀ ଛାତ୍ରୀ ଆଦ୍ୟାଶା ଆଦିପ୍ରଜ୍ଞା। ସେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ବେଳେ ସଙ୍ଗୀତ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ତାଙ୍କର ଏହି ଦ୍ୱିମୁଖୀ ସଫଳତା ବିଦ୍ୟାଳୟ, ଅଂଚଳ ତଥା ପରିବାର ପାଇଁ ଗୌରବ ଆଣିଦେଇଛି। ଆଦ୍ୟାଶାଙ୍କ ମାଆ ରାଜଶ୍ରୀ ସେଠୀ ଘଟଗାଁସ୍ଥିତ ତାରିଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହୋଇଥିବା ବେଳେ ତାଙ୍କ ବାପା ଶିବନାରାୟଣ ସେଠୀ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ଫାର୍ମାସି ଅଫିସର ଭାବେ କାର୍ଯ୍ୟରତ। ଶିକ୍ଷା ଓ ସଂସ୍କାରମୟ ପାରିବାରିକ ପରିବେଶରେ ବଢ଼ିଥିବା ଆଦ୍ୟାଶା ପାଠପଢ଼ା ସହିତ ସଙ୍ଗୀତ ଓ ବକ୍ତୃତା କ୍ଷେତ୍ରରେ ମଧ୍ୟ ନିଜର ପ୍ରତିଭାର ପରିଚୟ ଦେଇଆସୁଛନ୍ତି। ସେ ଜଣେ ମେଧାବୀ ଛାତ୍ରୀ ହେବା ସହ ଜଣେ ସୁଗାୟିକା ଭାବେ ପୂର୍ବରୁ ମଧ୍ୟ ଅନେକ ଥର ପୁରସ୍କୃତ ହୋଇଛନ୍ତି। ତାଙ୍କର ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ସହପାଠୀ, ଅଭିଭାବକ ଓ ଅଂଚଳବାସୀ ଖୁସିବ୍ୟକ୍ତ କରିବା ସହ ଆଦ୍ୟାଶାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଭୁବନେଶ୍ୱର ଓ କଟକ ମହାନଗର ନିଗମରେ ଘରକୁ ଘର ସର୍ଭେ ଅବଧି ୧୫ ଦିନ ବୃଦ୍ଧି

ଭୁବନେଶ୍ୱର,୭/୧୧ (ନି.ପ୍ର): ଆଗାମୀ ପୌର ନିର୍ବାଚନ ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କଟକ ମହାନଗର ନିଗମ (ସିଏମ୍‌ସି) ଅଂଚଳରେ ଚାଲିଥିବା ଘରକୁ ଘର ସର୍ଭେ କାର୍ଯ୍ୟର ଅବଧିକୁ ଆଉ ୧୫ ଦିନ ବୃଦ୍ଧି କରାଯାଇଛି। ଏହି ସର୍ଭେ କାର୍ଯ୍ୟ ପୂର୍ବରୁ ନଭେମ୍ବର ୭ ତାରିଖରେ ଶେଷ ହେବାକୁ ଥିବାବେଳେ, ଏବେ ଏହାକୁ ନଭେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଶୁକ୍ରବାରଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉଭୟ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଅନୁରୋଧକୁ ବିଚାର କରି ରାଜ୍ୟ ନିର୍ବାଚନ ଆୟୋଗ ଏହି ଅବଧି ବୃଦ୍ଧିକୁ ଅନୁମୋଦନ କରିଛନ୍ତି। ବର୍ଦ୍ଧିତ ସମୟସୀମା ମଧ୍ୟରେ ଘରକୁ ଘର ସର୍ଭେ କାର୍ଯ୍ୟକୁ ସଠିକ୍ ଭାବେ ସମ୍ପନ୍ନ କରିବା ସହ ଏହାର ନିୟମିତ ତଦାରଖ ଓ ତଦନୁଯାୟୀ ଆବଶ୍ୟକୀୟ ମନିଟରିଂ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଉଭୟ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଜିଲ୍ଲା ବିଜେପିର ସାମ୍ବାଦିକ ସମ୍ମିଳନୀ: ମିଥ୍ୟା ତଥ୍ୟ ଦେଇ ଜନତାଙ୍କୁ ଭ୍ରମିତ କରୁଛନ୍ତି ବିରୋଧୀ

ବାରିପଦା ,୭/୧୧ (ନି.ପ୍ର): ଗଣତନ୍ତ୍ରର ସୁରକ୍ଷା ନାଁରେ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ବିରୋଧୀ। ମିଥ୍ୟା ତଥ୍ୟ ଓ ଭ୍ରମାତ୍ମକ ପ୍ରଚାର ମାଧ୍ୟମରେ ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିବାକୁ ଉଦ୍ୟମ ହେଉଛି। ଏଭଳି ଅପପ୍ରଚାର ବିରୋଧରେ ବିଜେପି ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ ଅଭିଯାନ ଜାରି ରହିଥିବା କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।
ବାରିପଦାଠାରେ ମୟୂରଭଞ୍ଜ ଜିଲ୍ଲା ବିଜେପି ପୂର୍ବ ସଂଗଠନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଅବସରରେ ମନ୍ତ୍ରୀ ଡାକ୍ତର ମହାପାତ୍ର ଦେଶର ବିକାଶକୁ ସହ୍ୟ କରିପାରୁ ନଥିବା କିଛି ବିଦେଶୀ ଶକ୍ତି ଓ ସେମାନଙ୍କ ସହ ହାତ ମିଳାଇଥିବା ବିରୋଧୀ ଦଳ ରାଜନୈତିକ ସ୍ୱାର୍ଥ ପାଇଁ ଅପପ୍ରଚାର କରୁଥିବା ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆର୍ଥିକ ଓ ପ୍ରତିରକ୍ଷା କ୍ଷେତ୍ରରେ ସଶକ୍ତ ହେବା ସହ ମେକଇନ



ଇଣ୍ଡିଆ ଭଳି ଅଭିଯାନ ଦେଶର ବିକାଶକୁ ନୂଆ ଦିଗ ଦେଇଛି। ଏହି ଅଗ୍ରଗତିକୁ ରୋକିବା ପାଇଁ ମିଥ୍ୟା ପ୍ରଚାର କରାଯାଉଛି. ୨୦୨୪ ନିର୍ବାଚନରେ ଭୋଟ ଚୋରି ହୋଇଥିବା ନେଇ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ମନ୍ତ୍ରୀ କହିଛନ୍ତି, ଯଦି ପ୍ରକୃତରେ ଭୋଟ ଚୋରି ହୋଇଥିଲା, ତେବେ ସେତେବେଳେ ବିରୋଧୀ କୋର୍ଟର ଦ୍ୱାରସ୍ଥ ହେଲେ ନାହିଁ କାହିଁକି ? ଆନ୍ଦୋଳନ କଲେ ନାହିଁ କାହିଁକି ? ନିର୍ବାଚନର ଅଢ଼େଇ ବର୍ଷ ପରେ ଏଭଳି ଅଭିଯୋଗ ଆଣିବା ପଛରେ ରାଜନୈତିକ ଅଭିସନ୍ଧି ରହିଥିବା ସେ ଆକ୍ଷେପ କରିଛନ୍ତି। ସେହିପରି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କୁ ନେଇ ବିରୋଧୀଙ୍କ ଆପତ୍ତି ଉପରେ ମନ୍ତ୍ରୀ କହିଛନ୍ତି, ଭୋଟର ତାଲିକାରେ ଅନିୟମିତତା ଦୂର କରିବା ପାଇଁ ଏହି ପ୍ରକ୍ରିୟା ଜରୁରୀ। ବୁଥ ସ୍ତରରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ହେଉଥିବା ବେଳେ ତାଲିକାରୁ ନାମ ବାଦ ପଡ଼ିଥିବା ଭୋଟର ନିୟମ ଅନୁଯାୟୀ ଫର୍ମ ନମ୍ବର ୬ ମାଧ୍ୟମରେ ପୁନର୍ବାର ଆବେଦନ କରିପାରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସୋସିଆଲ ମିଡିଆ ଓ ସଭାସମିତିରେ ମିଥ୍ୟା ତଥ୍ୟ ପ୍ରଚାର କରି ଲୋକଙ୍କୁ ଭ୍ରମିତ କରୁଥିବା ଶକ୍ତିଙ୍କ ବିରୋଧରେ ବିଜେପି ପକ୍ଷରୁ ବାରିପଦା ସମେତ ବିଭିନ୍ନ ସ୍ଥାନରେ ରାଲି ଓ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଛି। ଆଗାମୀ ଦିନରେ ବୁଦ୍ଧିଜୀବୀ ସମ୍ମିଳନୀ ମାଧ୍ୟମରେ ଜନସାଧାରଣଙ୍କ ସମ୍ମୁଖରେ ସତ୍ୟତା ଉପସ୍ଥାପନ କରାଯିବ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଏସଟି ସେଲ ସଭାପତି କାନ୍ଦ୍ରା ସୋରେନ, ରାଜ୍ୟ ସମ୍ପାଦକ ପ୍ରଦୀପ ମହାନ୍ତି, ପ୍ରବିଣ ପାତ୍ର, ରାଜ୍ୟ ମିଡ଼ିଆ ପେନାଲିଷ୍ଟ କବି ବିଷ୍ଣୁ ଶତପଥି, ଜିଲ୍ଲା ମୁଖପାତ୍ର ନରୋତ୍ତମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୮ ନଭେମ୍ବର ୨୦୨୬
email :
rabibarachayan2015@gmail.com

# ରବିବାର ଚୟନ



.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୪୮ ବୁଦ୍ଧଙ୍କୁ ଅପମାନିତ କରିବାକୁ ଚେଷ୍ଟା କରିଥିବା ସୁନ୍ଦରୀ(ଗ)

କେବଳ ଧୈର୍ଯ୍ୟ ରଖ। ଲୋକମାନେ ତୁମର ଶାନ୍ତଭାବ ଦେଖି ତୁମକୁ ଭର୍ତ୍ସନା କରିକରି କ୍ଲାନ୍ତ ହୋଇଯିବେ। ସାତ ଦିନ ଭିତରେ ପାଟିତୁଣ୍ଡ ଏବଂ ଆରୋପ-ପ୍ରତ୍ୟାରୋପ ଥମିଯିବ।

ଲୋକମାନେ ଯଥାଶୀଘ୍ର ପରସ୍ପରକୁ ପଝରିବାକୁ ଲାଗିଲେ ଯେ ବୁଦ୍ଧ ଏବଂ ତାଙ୍କ ଶିଷ୍ୟମାନେ ଏତେ ଶାନ୍ତ କାହିଁକି। ତତ୍ପରେ ସେମାନେ ମନେପକାଇଲେ ଯେ ବୁଦ୍ଧ ଓ ତାଙ୍କ ଶିଷ୍ୟମାନେ ଧାର୍ମିକ ସ୍ୱଭାବର ଏବଂ ସେମାନେ କେବେ କୌଣସି ଜଘନ୍ୟ ଅପରାଧ କରିଥିବା ଜଣାନାହିଁ। ଅନ୍ୟକେହି ସୁନ୍ଦରୀକୁ ହତ୍ୟା କରିଥିବେ। ଏପରି ଦୟାଳୁ ଧର୍ମଗୁରୁମାନେ ଏହା କରିପାରିବା ଅସମ୍ଭବ। ଶେଷରେ ପାଟିତୁଣ୍ଡ ବନ୍ଦ ହୋଇଗଲା ଏବଂ ବୁଦ୍ଧ ଏହି ଘଟଣାକୁ ଆଧାର କରି ତାଙ୍କର ଶିଷ୍ୟମାନଙ୍କୁ ଧୈର୍ଯ୍ୟର ସହିତ ନିର୍ଯ୍ୟାତନା ସହ୍ୟ କରିବା ସମ୍ବନ୍ଧରେ ପରାମର୍ଶ ଦେଲେ :

"ଯେତେବେଳେ ଭିକ୍ଷୁକୁ କଠୋର କଥା କୁହାଯାଉଛି, ସେ ଏହାକୁ ଶାନ୍ତ ମନରେ ସହ୍ୟ କରିବା ଉଚିତ।"

କିଛି ସମୟ ପରେ ରାଜା ଜାଣିପାରିଲେ ଯେ ଅପରାଧଟି ସେହି ତପସ୍ୱୀମାନଙ୍କ ଦ୍ୱାରା କରାଯାଇଥିଲା। ଯେତେବେଳେ ସେମାନଙ୍କୁ ରାଜାଙ୍କ ସମ୍ମୁଖକୁ ଅଣାଗଲା, ସେମାନେ ସର୍ବସାଧାରଣରେ ନିଜର ଅପରାଧ ସ୍ୱୀକାର କଲେ ଏବଂ ସେମାନଙ୍କୁ ତଦନୁସାରେ ଦଣ୍ଡ



ଦିଆଗଲା। ଏହି ଘଟଣା ପରେ ବୁଦ୍ଧ ଏବଂ ତାଙ୍କ ଶିଷ୍ୟମାନେ ଶ୍ରୀବସ୍ତିରେ ଅଧିକ ସମ୍ମାନ ଓ ଆଦର ଲାଭ କଲେ।

(କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମିନିଗଳ୍ପ-୨୯

### ମାମଲା (ବ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ବଡ଼ପୁଅ ବଡ଼ବାବୁ। ବାହାରେ ନଉକରି। ସାନପୁଅ ଗାଁ'ରେ। ବଡ଼ପୁଅ ମାଟ୍ରିକି ପାଶ୍। ସାନପୁଅ ଅଳପ ଖଡି ଛୁଇଁଚି। ବଡ଼ପୁଅ ଗୋରା ତକତକ। ସଉକିନିଆ। ମୁହଁରେ ବହେ ପାଉଡର ମାଖେ। ପଦାକୁ ଆସେ। ବେଶ୍ ଡଉଲଡାଉଲ। ପିଲାଛୁଆ ସହ ସେ ରହେ ସରକାରୀ ବାସଭବନରେ। ସାନପୁଅ ବତିଶି ସରିକି ଅଭିଆଡା ଥେଲା। ସେତେବେଳେ ବାଇଶି ଟପିଲେ ଅଣ୍ଡିରିପିଲା ଖୁରୁଡ଼। ସତର ଟପିଲେ ଝୁଅ ବାପାର ଧାଁ ଦଉଡ଼।

ସାନପୁଅ ଆ'ତା' ଆଗରେ ନେହୁରା ନିମତ ହୁଏ। ବାଡୁଅଭୂତ ହେଇଯିବି ମରିଗଲେ। ମୋ କଥା ଟିକେ ବୁଝ ହେ।

କଣ୍ଟେ ପାଇଚି ଯାହା ନା। ସକାଳେ ସଞ୍ଜେ ଦିଅଁ ଫଟ ଆଗରେ ଗାଇବ : ହେ ଦୁଃଖହାରୀ। ଗିରିଧାରୀ। ମୁରାରୀ...ଦୀନବନ୍ଧୁ ଦଇତାରି ।ଦୁଃଖ ନଗଲା ମୋହରି।

କଣ କରାଯିବ। ଦେହଟା ତାର ତରଳପିଚୁ। ରୋଜଗାର ଶୂନ। ୟା'ତା' ବୋଲହାକ କରେ। ନଡ଼ିଆ ଗୁଆ ଚଢେ। ଏକ ଏକୁଲି ଚଳିବା କଷ୍ଟ। ପୁଣି ଘରେ ଅଛି ବିଧବା ବୁଢୀ ମା'। ବୁଢୀ ତ୍ରିପୁର ସୁନ୍ଦରୀ। ଗୋରା ତକତକ। ଦାଣ୍ଡରେ ମଲ୍ଲିଫୁଲ ମହକୁଥାଏ। ନାଗଚମ୍ପା ଗଛରେ ଝୁଲୁଝୁଲୁ ହେଉଥାଏ। କାନମୂଳ କେଶରେ ମଲ୍ଲି ଖଞ୍ଜି ରଞ୍ଜି ଦିଏ ବୁଢୀ। ନାଗଚମ୍ପା ନେଇ ସାଇସାରା ନାତୁଣୀଙ୍କ ଗହବା କଳା କେଶରେ ଗୁଞ୍ଜି ଦିଏ। ସାନପୁଅ, ବୁଢୀ ଏକରକମ ଚଳନ୍ତି ବଡ଼ପୁଅ ପଇସାରେ। ସାନପୁଅ ବଡ଼ ଖାଉଟିଆ। ଏପଟେ ଦିହର ଭୋକ। ସେପଟେ ମନର ଭୋକ। ମନ ହେଲେ ଦୁଲଦୁଲ୍ କସିଦିଏ ବୁଢୀ ପିଠିରେ। ବୁଢ଼ୀ ହାଁ' ହାଁ' ରଡି ଛାଡି ବଡ଼ପୁଅ ପାଖକୁ ତାର କରେ। ବଡ଼ପୁଅ ଆସେ ଫଁ ଫଁ ସଁସଁ ହୋଇ। ଘରୁ ସାନକୁ ଘୋଷାରି ଆଣେ। ଉତ୍ତର ଦାଣ୍ଡ ଓଉଗଛରେ କୂଅଦଉଡିରେ ବାନ୍ଧି ଦିଏ। ଅଣ୍ଟାରୁ ବେଲ୍ଟ ଖୋଲେ। ଛାଏଁ ଛାଏଁ ନାଛି ଦେଇଯାଏ। ସାନପୁଅର ଦେହସାରା ନୋଳା ବସିଯାଏ। ଗାଁ'ସାରା ଏମିତି ନାଟକ ଦେଖିବାକୁ ଯେମିତି ଅନେଇ ବସିଥାନ୍ତି। ଦଳେ କହୁଥାନ୍ତି: ଠିକ୍ ହେଇଚି, ବେଶ୍ ହେଇଚି। ଦଳେ ହେ ହେ ରହ ରହ କହୁଥାନ୍ତି। କେହି କିନ୍ତୁ ଛଡାନ୍ତି ନାହିଁ। ବଡ଼ପୁଅ ଶେଷକୁ ସାନପାଇଁ ଠିକ୍ କରିଦେଲା ବୋହୂପିଲା।

ଗୋରା ତକତକ ବୋହୂ। ରାଧା କୃଷ୍ଣ ଯୋଡ଼ି। ବୋହୂ ଶାଶୁ ଦିନାକେତେ ଠିକ୍‌ଠାକ୍ ଚଳିଲେ। ପରେ ଚାଲିଲା ଝଗଡା ଝାଟି। ବଡ଼ପୁଅର ଦାନ ନଅଣ୍ଟ ହେଲା ସାନ ପରିବାର ପାଇଁ। ବୁଢୀକୁ ଭିନେ କରିଦେଲେ ସାନ ପୁଅବୋହୂ। ଦିହିଁକି ଦିହେଁ ଦିନେ ରଡି ଉଛାଳ କଲେ। ଝାଡୁମୁଠା, ପିଢାପଟା ସବୁ ଖେଳିଲା।

ବୁଢ଼ୀ ବଳ ପାଏନା। ରଡି ଛାଡେ। ବଡ଼ପୁଅ ଆସି ଆକଟିବାକୁ ଆଉ ସାହସ ବି କରେନା। ସାନର ତିରିଲା ଭାବିବ କଅଣ ?

ବୁଢ଼ୀ ହାତରେ ଫୁଟେଇ ଖାଏ। ତା ଚାଉଳ ବୋହୂ ନେଇଯାଉଚି ବୋଲି ବୁଢ଼ୀ ବାହୁନି ବୁଲେ। ବୁଢ଼ୀ ବୋହୂଠୁ ଉତ୍ତମ ମଧ୍ୟମ ଖାଏ। ଏସବୁ ଦୃଶ୍ୟ ଦେଖୁଥାଏ ସାନର ଚାରି ବରଷର ଛୋଟପୁଅ। ବୁଢ଼ୀ ତାକୁ କୋଳକୁ ନିଏ। ସବୁ ଭୁଲିଯାଏ।

ବୁଢୀ ଦିନେ ଦେହଦୁଃଖରେ ପଡିଲା। ଦିନସାରା ଉଠିବସି ପାରିଲାନି। ସାନବୋହୂ ପାଖକୁ ଆସିଲାନି। ବୁଢ଼ୀ ଅଖଳପାଣି। ବାଡେଇ ଛାଟି ହେଉଥାଏ। ବଡ଼ପୁଅ ପାଖକୁ ତାର ଗଲା। ବଡ଼ପୁଅର ଅଫିସି କାମ। ରୋଜରୋଜ କଥା ଭାବି ହେଳା କରିଦେଲା। ବୁଢୀ ଦେହକଷ୍ଟ ଓ ପେଟକଷ୍ଟରେ ପଡି ଉଠି ଘୁସୁରିଲା। କାନ୍ଥରେ ବାଡେଇ ହେଇଗଲା। ତାକୁ ଦେଖିବାକୁ ଗଲେ ସାଇଲୋକ। ଗୋସେଇଁଙ୍କ ବଡ଼ଝୁଅ ବିସ୍କୁଟ ପାକିଟିଟେ ବୁଢୀ ହାତକୁ ଧରେଇ ଦେଲା। ବୁଢ଼ୀ ପଟିଏ ପାଟିକୁ ନେଲା। ଗନ୍ଧିଆ ତେଲପିଆ କୋଚଟ ତକିଆ ତଳେ ଜାକି ଦେଲା।

ବଡ଼ଝୁଅ ପଚାରିଲା: ଖାଉନ ମା'।

ବୁଢୀ ମଥା ହଲେଇଲା। କହିଲା: ଡାହାଣାଟା ତାଟି ସେପଟେ ଅନେଇ ଥେଲା। ଥାଉ ତା ପେଇଁ ।... ମାମଲା ଖଲାସ।।

❤ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦

## କବିତା

### ॥ ଦୀପଂ ଜ୍ୟୋତି ॥

**ଦେବାଶିଷ ଚକ୍ରବର୍ତ୍ତୀ**



॥ ।ଦୀପ ।॥
ଦୀପଟିଏ ଆମେ ଜାଳିଦେଲେ ସିନା
ଅନ୍ଧାର ଯାଏ ଛାଆଁକୁ ଘୁଞ୍ଚି
ଲାଭ କଣ କୁହ ହୃଦ ଅଗଣା ରେ
ଅନ୍ଧାର ଯଦି ଖେଳୁଛି ପୁଟି ?

॥ ଆଲୁଅ ॥
କେଉଁ ଲାଭ କୁହ ମିଳିବ ଆମକୁ
ଚଉଦିଗ ଗଲେ ଆଲୁଏ ଭରି
ବିବେକ ପ୍ରଦୀପ ପାରୁନାହିଁ ଯଦି
ହୃଦୟ ତିମିରେ ଆଲୁଅ ଜାଳି ?

॥ ପିମ୍ପେଇ ॥
ବଡବଡୁଆ ଙ୍କୁ ଡାକି କେଉଁ ଲାଭ
ମିଳିବ କୁହନି ପିମ୍ପେଇ ଜାଳି
ହୃଦୟେ ଆମର ଇର୍ଷା,ବିଦ୍ୱେଷ
ଅହଙ୍କାର ଯଦି ରହିଛି ଭରି ?

॥ ଆକାଶଦୀପ ॥
ପୁଣ୍ୟ କି କେହି ଅରଜି ପାରିଛି
କାର୍ତ୍ତିକ ରେ ଜାଳି ଆକାଶ ଦୀପ
ସ୍ୱାର୍ଥ ପଞ୍ଜୁରୀ ରେ ମନପକ୍ଷୀ ଯଦି
କରୁଅଛି ସଦା ମନସ୍ତାପ ?

॥ ରାବଣ ॥
ଅଯୋଧ୍ୟା କୁ ସିନା ଫେରିଥିଲେ ରାମ
ରାବଣ ନିଧନ କରିବା ପରେ
କି ଲାଭ ରାବଣ ରହିଅଛି ଯଦି
ଆଶ୍ରା ପାଇକରି ଆମ ଭିତରେ ?

❤ ମଣ୍ଡୁଆ, କେନ୍ଦୁଝର ଗଡ
(ମୋ) ୯୪୩୭୭୫୨୩୯୫

### ॥ କବିଟିଏ ଗଲାପରେ ॥

**ସୁଜିତ କୁମାର ମିଶ୍ର**



ଲୁହର ରାଗରେ
କବିତାର ସୁଦୀର୍ଘ ଫୁଲହାର ତିଆରି ହୁଏ
କବିଟିଏ ଗଲାପରେ ସଶରୀରେ ।

ଏଇ ଏତିକି ପାଇଁ କବି ଆଖି ମୁଜି ପାଲଟେ
ଶାଶ୍ୱତ ଆନନ୍ଦର ମହାନଈ
ତା ନୀରବି ଯାଇଥିବା ଦେହ ଦେଉଳରୁ
କୋଳାହଳର ଧ୍ୱନି କେତେ କାହିଁ ।

କବିଟିଏ ଗଲାପରେ ଫୁଲ, ଫଗୁଣ
ନଈ ସାଗର, ଗିରି ବନ
ରାସ୍ତାଘାଟ, ଗଛଲତା
କାଶତଣ୍ଡୀ, ନଇପଠା
ସଭିଏଁ ଲୁହର ଶ୍ରାବଣ
କିଏ ଆଉ ସେମାନଙ୍କୁ ଦେବ
ଆକର୍ଷଣୀୟ ଜୀବନ,
କିଏ ଦେବ ଶବ୍ଦବ୍ରହ୍ମର କମନୀୟ ଉଚ୍ଚାରଣ ?

କବିଟିଏ ଗଲାପରେ ସୂରୁଜ ଆସେ ବିଳମ୍ବରେ
ସଂଜ ପାଲଟେ ବର୍ଣ୍ଣହୀନ,
ରାତି ମଲାଜହୁର ଦେହ,
ଦୁଃସ୍ୱପ୍ନର ରୁଦ୍ରତାଡିରେ ।

କବିଟିଏ ଗଲାପରେ ପ୍ରେମ ଛଟପଟ ହୁଏ
ଆକ୍ୱାରିଅମର ମାଛ ପରି,
ପ୍ରବଣ ମୁଖର ପକ୍ଷୀ
ଗାଏନା ଫଗୁଣର ଲୋରି,
ସବୁ ସବୁଜିମାକୁ ସତେ କେଉଁ ଦୁର୍ବୁଦ୍ଧ
ନେଇସାରିଛି ଘୋସାରି ଘୋସାରି ।

କବିଟିଏ ଗଲାପରେ
ଗୋଲାପୀ ଓଠକୁ ଛାଇ ମାଡେନି
ବିଦଗ୍ଧ ଜୁଆର ହସ,
ପ୍ରାଣ ପୁଷ୍କରିଣୀରେ ଫୁଟେନା ପଦ୍ମ,
ଅଧାଗଜା ରହେ କାବ୍ୟ କୋଣାର୍କ,
ବୁକୁ ଫଟେଇ କାନ୍ଦୁଥାଏ ସହସ୍ର ହୃଦୟର ଆଖି,
ଖସି ଖସି ଯାଉଥାଏ ଆହା
ଯୌବନରୁ ବଳ ବୟସ ।

କବିଟିଏ ଗଲାପରେ
ତିଆରି ସରିଥାଏ କିନ୍ତୁ ସୁଦୀର୍ଘ
ମନ ରାଜପଥ ସ୍ମୃତିର ଅତରରେ,
ଯେଉଁଠି ଜଖମ୍ ଛାତି ଲଭେ ଶାନ୍ତି
ଶାସ୍ତ୍ରନାର ଚନ୍ଦନ ପ୍ରଲେପରେ ।

କବିଟିଏ ଗଲାପରେ ଅସହାୟ ପୃଥିବୀ
ମାଆ କୋଳ ଶୂନ୍ୟ ପରି,
କୋଣ ଅନୁକୋଣରୁ ଶୁଭୁଥାଏ
କାନ୍ଦଣା ଗୁମୁରି ଗୁମୁରି ।

ପୁନେଇଁ ପଖଳା ରାତିପରି
କବିଟିଏ ଗଲାପରେ
କଜଳ ଆଖିର ସେ ସଜଳ ଛବି
ତା ସାରସ୍ୱତ ମଧୁ ଋତୁକୁ
ଜନମାନସପଟରେ ନିଖୁଣ ନିହାଣ ମୂନରେ
ଗଢି ତୋଳି, ନିଷ୍ଠୁର ପଥରେ ଏକାକୀ ଚାଲି ।

କବିଟିଏ ଗଲାପରେ ବି
ଜୀଇଁଥାଏ କୋଟି କୋଟି ଶ୍ୱାସରେ
ଖାଲି ଅଭିନୟ ଯା କରୁଥାଏ ସେ
ଛ ଖଣ୍ଡ କାଠର ଜଡ ସବାରୀରେ ।

❤ ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

### ॥ ତୁମ ଫେରିବାର ଆଶା ॥

**ପୀୟୂଷ ପଟ୍ଟନାୟକ**



ଆକାଶେ ଜହ୍ନ ଜୋଛନା ସିକ୍ତ ବେଳା
ଶୁଭ୍ର ବାଲିରେ ପାଦ ଚିହ୍ନ ଗୋ କେତେ
ଏଇ ବାଟ ଦେଇ ଯାଇଛ କି କେବେ ତୁମେ ?
ସଜଳ ଆଖିରେ ଖୋଜିଛ କି କେବେ ମୋତେ।

ଶୋଇଛି ସେପଟେ ସିକତା ଶଯ୍ୟା ପରେ
ସେ କେତେ ବର୍ଷ ପାରେନାତ ଆଜି ଗଣି
ତୁମରି ସ୍ୱପ୍ନେ ଯାଇଛି ଗୋ ବିତି କେତେ
ଦିବସ ରାତ୍ରୀ ଆଜିତ ହୁଏନି ଜାଣି।

କେତେ ବସନ୍ତ କେତେ ଶୀତାର୍ତ୍ତ ରାତି
କେତେଯେ ବର୍ଷା କେତେଯେ ଗ୍ରୀଷ୍ମ ତାତି
ତୁମରି ସ୍ୱପ୍ନେ ବିଭୋର ହେମାଳ ଦେହେ
ଆକାଶକୁ ଚାହିଁ ଶୋଇ ଗୋ ରହିଛି ଏଠି ।

ଫେରନ୍ତା ପକ୍ଷୀ ଦୂର ଦ୍ୱୀପାଂଶୁ କେବେ
ଉଡି ଆସି ଯେବେ ମୋ ହାତ ପାଖରେ ବସେ
ଖୋଜିଲା ଆଖିରେ ଚାହିଁ ରହେ ତାକୁ ଦୂରୁ
ତୁମେ ଆସିବାର କିଛିଟା ଖବର ଆଶେ ।

ନଥାଏ ତୁମରି ହାତ ଲେଖା କିଛି ଚିଠି
ପଢିବାକୁ ଯାରେ ଅପେକ୍ଷାରେ ଗୋ ଥାଏ
ପର ଦିନ ଯଦି ଶୁଣେନି ପକ୍ଷୀର ସ୍ୱର
ଦିନର ଦୈର୍ଘ୍ୟ ଆଜ୍ଞାତେ ବଢ଼ି ଯାଏ ।

ଦିନ ପରେ ଦିନ କେତେଯେ ଯାଇଛି ବିତି
ମିଶିତ ଗଲାଣି ବାଲିରେ ଦେହର ଭାଷା
ତଥାପି ମନର କେଉଁ ଅଜ୍ଞାତ କୋଣେ
ବଞ୍ଚି ରହିଛି ତୁମ ଫେରିବାର ଆଶା ।

❤ ଭୁବନେଶ୍ୱର
(ମୋ) ୭୫୦୬୧୮୯୦୩୦



### ॥ ସ୍ମୃତି ॥

**ନକୁଳ ଚନ୍ଦ୍ର ସାହୁ**

ତୁମେ ଯେଉଁଠି ଅଛ
ଥାଅ ସେଇଠି, ଅସଫଳ ଚଲାବାଟ
ମୁଁ ପ୍ରବୁଦ୍ଧ ସ୍ୱପ୍ନର ସୁନାବେଶ
ଇଚ୍ଛା ସମ୍ପନ୍ନ ତଦ୍ରୁପ; ଆକୃଷ୍ଟ !

ତମେ ନଦୀର ବେଗ, କାଳର ଦାଗ;
ରକ୍ତରୁ ଲିଭୁ ନାଇଁ, ସ୍ନାୟୁରୁ ଲିଭୁ ନାଇଁ
ଅସଂଭବର ସଂଭବ; ମରୁଭୂମିର ଏକାଂଶ
ଅବ୍ୟୟୀ ଭୋଗ ! ଇପ୍ସିତ ଅନେକାଂଶ
ଅଂତରରୁ ଅଂତରୀକ୍ଷ !

❤ ଶବ୍‌ଦଘର, ଗୋଡିସାହି, କଟକ-୭୫୪୦୦୬
(ମୋ) ୯୩୩୭୩୫୯୮୭୫



### ମନର ବେଦନା

**ବୈଷ୍ଣବ ମେହେର**

ଏବେବି ଚାହିଁଛି ତୁମକୁ ସାଥିଗୋ
କୁହ ଆସୁଅଛ କେବେ
ଗଲା କଥା ସବୁ ଭୁଲିଗଲ କି ଗୋ
କଥା ଦେଇ କଥା ତେବେ ।

ତୁମେ ସେଇଠି ମୁଁ ଅଛି ଏଠି ଜାଣି
ଶ୍ରାବଣ ଯାଇଛି ଫେରି
ଆଦ୍ୟ ଶୀତର କଅଁଳ ପରଶ
ଯନ୍ତ୍ରଣା ଦିଏ ଗୋ ଭାରି ।

ବେଳେ ବେଳେ ଗାଏ ଗୁଣୁଗୁଣୁ ହୋଇ
ତୁମ ଆମ ସ୍ମୃତି କଥା
ଯେତେ ଭାବୁଥାଏ ସେତେ ଭିଜୁଥାଏ
ନୟନ ଯୁଗଳ ପତା ।

କୁହ ନାହିଁ ଆଉ କିଏ ତୁମେ ମୋର
କାହିଁକି ଗୁମୁରି କାନ୍ଦେ
ନିଜକୁ ପଚାର କାହାର ବେଦନା
ଚାପିଛ ହୃଦୟ କନ୍ଦେ

ଏବେବି ତୁଟିନି ସମ୍ପର୍କ ଆମର
ଭାଙ୍ଗିନି କିଛିବି ସ୍ୱପ୍ନ
ଆସିଗଲେ ତୁମେ ଜିଇଁ ହେବ ପୁଣି
ଜହ୍ନରାତିର ଜୀବନ

❤ ସିନାପାଲି, ନୂଆପଡ଼ା
(ମୋ) ୯୭୭୭୫୩୯୩୫

## ପାଉଁଜିର ପାଣ୍ଡୁଲିପି-୪୦

**ବିପିନ ମହାନ୍ତି**

### ସଞ୍ଜ ବାଟଭୁଲା



ସଞ୍ଜ ବାଟଭୁଲା ପଥିକଟିଏ ମୁଁ ଆଗରେ ମୋ' ଅନ୍ଧକାର
ଚାଲୁଛି ଅଳପ ଝୁଣ୍ଟୁଛି ବେଶି ମୁଁ ଆଲୁଅକୁ ଭାରି ଡର
ନାନାମତେ ଏଇ ଜୀବନ ଭୋଗିଲି ଭୋଗ ଡାଲାଟିଏ କରି
କିଏ ସେ' ଭରିଛି ଥାଳ କା' ଦୁଆରୁ ନିରାଶେ ଆସିଛି ଫେରି।

ଦେଇଛି ବା କିଏ ଫୁଳମାଳ ଆଉ ବାଃ ବାଃ କରତାଳି
କାହାର ନିନ୍ଦା ବା ପ୍ରଶଂସାରେ କେବେ ଯାଇନି ମୁଁ ଜମା ଭଳି
ଯିଏ ସେ' ଫିଙ୍ଗିଛି ପଥର ମୋ' ଦେହେ ଗୋଟେଇଛି ଗୋଟିଗୋଟି
ସେଇ ପଥରରେ ତିଆରିଛି ଘର ସେକିଛି ଭୋକର ରୁଟି।


ଘୃଣାର ପାତେରି କଡ଼ରେ ତିଆରି କରିଛି ଗୋଲାପ ବନ
କେବେ ବା ଫୁଲକୁ କେବେ ବା କଣ୍ଟାକୁ ଦେଇଛି ଚଗଲା ମନ
ବେଦନାସିକ୍ତ ମୁଁ କୁଆଁତାରାଟିଏ ଅଭିଶପ୍ତ ଆକାଶରେ
ଅଭିଶାପେ କା'ର ଅଭିଷିକ୍ତ ମୋ'ର ପୌରୁଷତ୍ୱ ଅନ୍ତଃପୁରେ।

ଭୋକର ଭୂଗୋଳ ଭାବନାରେ ମୋ'ର ଆଙ୍କିଛି ଜୀବନ ଛବି
ସେ ଛବିକୁ ପଢ଼ି, ଫାଡ଼ି ଅନ୍ତନାଡ଼ି କେ' କେହି କୁହନ୍ତି କବି।

❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ମତ୍ସ୍ୟକନ୍ୟାର କବିତା ॥

**ଶୁଭସ୍ମିତା ତ୍ରିପାଠୀ**



ବୁଝେନା ମତ୍ସ୍ୟକନ୍ୟା
ଶିଉଳି ଫୁଲରୁ ଯିଏ
ସବୁତକ ବାସ୍ନା ତୋରେଇ ନେଇ
ମତ୍ସ୍ୟଗନ୍ଧାକୁ ରୂପାନ୍ତରିତ କଲା
ଯୋଜନଗନ୍ଧାରେ
ସେ ହିଁ ବନିଶୀ କଣ୍ଠା ଅଗରେ
ସଜ କରି ଯୋଖିପାରେ ତାର
କଟାସନ୍ଧିର ଜୋକ
ଛୁରୀ ଧାରେ କାଟିଦେଇ ପାଣିସୁଅ
ଗାଉଥାଏ ଡଙ୍ଗାବାଲାର ଗୀତ,
ପୂର୍ବ ଆକାଶକୁ ଚାହିଁ ସିନ୍ଦୁରା ବୁଣେ
ନଈକୁ ଫିଙ୍ଗିଦିଏ ମନ୍ତୁରାପାଣିର
କମଣ୍ଡଳୁ, ରୁଦ୍ରାକ୍ଷ ମାଳା,
କୁହୁଡିକୁ ଉଡରୀ କରି
ସେ ହିଁ ଗାଇପାରେ ନୀରବତାର ସ୍ତୋତ୍ର,
ଦେହକୁ କରିପାରେ ଅଭିମନ୍ତ୍ରିତ ଶିଳା !

ଭଉଁରୀ ସାଥେ ଖେଳେ ମତ୍ସ୍ୟକନ୍ୟା
ମୁକୁଳା କବରୀରେ ଅର୍ଜୁନଫୁଲ ଖୋସେ
ଇନ୍ଦ୍ରଧନୁକୁ ରଙ୍ଗ ମାଗେ ତା ଓଢଣୀ ପାଇଁ,
ସେ ବୁଝେ ଫୁଲହାରର ମୃଦୁ ଦଂଶନରେ
କେମିତି ଶିହରିତ ହୁଏ ଲୋମକୂପ
ପଙ୍କକୁ କଜଳ କରି ବୋଳି ହେଲେ
କେତେ ଭାଗ ହେଇପାରେ ନଈପାଣି

ହସ କହିଲେ ସେ ବୁଝେ ଖରା,
ଲୁହ କହିଲେ ଅତର୍କିତ ଝଡ଼,
ଲାଜ କହିଲେ ଜହ୍ନ ଦେହର ଠେକୁଆର ହସ
ଆଉ ପ୍ରେମ କହିଲେ
ଗୋଟେ ଫୁଲନାଡ଼ରେ ବୁଣା ଜାଲ !

ଡଙ୍ଗାବାଲା ଗୀତ ଗାଏ, କାତ ମାରେ
ଏଥର ବନିଶୀ କଣ୍ଠାରେ ଯୋଖେ
ସଜ ପଦୁଅଁର ମହୁ,ସଜ ଜାମୁକୋଳି ରସ,
ଅଳ୍ପ ଟିକେ ଅତର ଆଉ
ଧାପେ ପାହାନ୍ତି ତାରାର ହସ ।

ଏଥର ବନିଶୀ କଣ୍ଠା ଧାରେ
ତଣ୍ଟି ଚିରେ ମତ୍ସ୍ୟକନ୍ୟା
ଲାଞ୍ଜ ଛାଟେ, ପର ଛାଟେ
ଗଳାରୁ ଛିଣ୍ଡେଇ ଦିଏ ସବୁତକ ମଣିମୁକ୍ତା,
ମୁକ୍ତି ମାଗେ ପାଣି ଖୋଜେ
ବିକିବାକୁ ରାଜି ହୁଏ ପ୍ରବାଳର ଚୁଡି
ମୋତି ଶାମୁକାର ବାହୁବନ୍ଧ
ବଦଳରେ ମାଗେ ପାଣିର ପୃଥିବୀ,
ଶିଉଳିର ତଳ

ଡଙ୍ଗାବାଲା ମନ୍ତ୍ରପଢେ
ଏବେ ଚାରିପାଖରେ ଦିଶେ
ସାତଘେରା କୁହୁଡି କେବଳ !

❤ ବ୍ରହ୍ମପୁର,ଗଞ୍ଜାମ

# ସମାଜର ଅସଙ୍ଗତି, ବେଦନା ଓ ଆଶାକୁ ଶବ୍ଦରୂପ ଦେବା ହିଁ ଲେଖକର ମୁଖ୍ୟ ଉଦ୍ଦେଶ୍ୟ : ଡ.ରାଧାରଂଜନ ପଟ୍ଟନାୟକ

**ରାଧାରଂଜନ ପଟ୍ଟନାୟକ ସମକାଳୀନ ଓଡ଼ିଆ ସାହିତ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । କେବଳ ଗଳ୍ପ, କବିତା, ଅନୁବାଦ, ଜୀବନୀ ସାହିତ୍ୟ କି ଶିଶୁସାହିତ୍ୟ ନୁହେଁ; ସମ୍ପାଦନା କ୍ଷେତ୍ରରେ ମଧ୍ୟ ସେ ପ୍ରଦର୍ଶିତ କରିସାରିଛନ୍ତି ନିଜର ପାରଦର୍ଶିତା । ତତ୍ ସହିତ ଇଂରାଜୀ କବିତା ପୁସ୍ତକ ରଚନା କରି ବ୍ୟାପକ କରିଛନ୍ତି ନିଜ ସୃଜନ ପରିଧିର ପରିସର । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ ଅଲକ୍ଷ୍ୟକୁ ଭେଦିବାର ଲକ୍ଷ୍ୟ, ଯାହା ଦୃଶ୍ୟ ହୋଇପାରେ ଅଦୃଶ୍ୟ ବି । "କେବଳ କବିତା ନୁହେଁ, ପରିବାରଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଏବଂ ଦୈନନ୍ଦିନ ଜୀବନର ପ୍ରତ୍ୟେକ ସ୍ତରରେ ମାତୃଭାଷାର ବ୍ୟାପକ ପ୍ରୟୋଗ ହିଁ ଏହି ସଂକଟରୁ ସ୍ଥାୟୀ ମୁକ୍ତି ଦେଇପାରିବ" ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : **ସୈରିନ୍ଧ୍ରୀ ସାହୁ**



■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ସୃଜନର ଆଦ୍ୟସ୍ଫୁରଣ କୌଣସି ଯୋଜନାବଦ୍ଧ ପ୍ରୟାସରୁ ହୋଇନଥାଏ; ଏହା ମନର ଅନ୍ତଃସ୍ଥଳରୁ ବାହାରିଥିବା ଏକ ସ୍ୱାଭାବିକ ପ୍ରବାହ। ମୋର ବୟସ ଯେତେବେଳେ ମାତ୍ର ନଅ ମାସ, ସେତେବେଳେ ମୋର ପିତୃ ବିୟୋଗ ହୋଇଥିଲା। ହେତୁ ହେଲାପରେ ଯେତେବେଳେ ଏହି କଥା ଜାଣିଲି, ସେତେବେଳେ ବୋଉ ଆଖିର ଲୁହ ହିଁ ମୋତେ ଗଭୀର ଭାବେ ବିଚଳିତ କରିଥିଲା। ସେହି ଲୁହ ସବୁ ଧୀରେ ଧୀରେ ମୋ ପାଇଁ ଅକ୍ଷର ପାଲଟି ଯାଇଥିଲା। ପିଲାଦିନର ସେହି ଅଭାବ-ଅନଟନ ମୋ ହୃଦୟରେ କାହିଁକି କେଜାଣି ଏକ ପ୍ରତିକ୍ରିୟାଶୀଳ ଭାବଧାରା ସୃଷ୍ଟି କରିଥିଲା, ଯାହା ମୋର ସର୍ଜନାତ୍ମକ ଆବେଗକୁ ଜନ୍ମ ଦେଇଥିଲା।

ଏହା ସହ ପିଲାଦିନର ମାଟି, ପ୍ରକୃତିର ନିଛାଟିଆ ପରିବେଶ ଏବଂ ଆଖପାଖର ଜୀବନଚର୍ଯ୍ୟା ମୋତେ ପ୍ରଥମରୁ ପ୍ରଭାବିତ କରିଥିଲା। ପାଠପଢ଼ା ସମୟରେ ଅନ୍ତରର ଭାବନାଗୁଡ଼ିକୁ କାଗଜରେ ଉତ୍ତାରିବାର ଯେଉଁ ନିଶା ଜାଗିଥିଲା, ସେଇୟା ଧୀରେ ଧୀରେ ମୋତେ କବିତା ଓ ସାହିତ୍ୟର ଅନୁରାଗୀ କରି ମୋ ସୃଜନର ଆଦ୍ୟସ୍ଫୁରଣ ଘଟାଇଥିଲା।

■ **ଆପଣ କବିତା ସହିତ ପ୍ରବନ୍ଧ ମଧ୍ୟ ଲେଖନ୍ତି ଓ ସମ୍ପାଦନା ମଧ୍ୟ କରନ୍ତି। ତେବେ କେମିତି ଆକୃଷ୍ଟ ହେଲେ ସାହିତ୍ୟ ପ୍ରତି ? କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?**

■■ ସାହିତ୍ୟ ପ୍ରତି ଆକର୍ଷଣର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ନାହିଁ; ଏହା ଏକ କ୍ରମିକ ବିକାଶ। କବିତା ମୋର ଭାବପ୍ରକାଶର ମାଧ୍ୟମ ହୋଇଥିବାବେଳେ, ପ୍ରବନ୍ଧ ଓ ସମାଲୋଚନା ମୋର ଚିନ୍ତନଶୀଳତା ଓ ଅନୁସନ୍ଧିତ୍ସୁ ମନର ପରିପ୍ରକାଶ। ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତିଟି ଥିଲା ଅତ୍ୟନ୍ତ ରୋମାଞ୍ଚକର ଏବଂ ବିସ୍ମୟକର। ଯେତେବେଳେ ମୋର ପ୍ରଥମ ଲେଖାଗୁଡ଼ିକ ପ୍ରକାଶ ପାଇଲା, ସେତେବେଳେ ମିଳିଥିବା ଆନନ୍ଦ ଓ ଆତ୍ମସନ୍ତୋଷ ମୋତେ ଏହି ମାର୍ଗରେ ଆଗେଇ ଚାଲିବା ପାଇଁ ପ୍ରେରଣା ଯୋଗାଇଥିଲା।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?**

■■ ମୋର ମାତୃଭୂମି, ମୋର ପରିବାର ଏବଂ ଓଡ଼ିଆ ମାଟିର ମହାନ ସାହିତ୍ୟିକମାନେ ହେଉଛନ୍ତି ମୋର ସାରସ୍ୱତ ପ୍ରେରଣା। ସାହିତ୍ୟର ଆଦ୍ୟଗୁରୁ ଭାବେ ମୁଁ ମୋର ପୂର୍ବସୂରୀ ମହାପୁରୁଷମାନଙ୍କୁ ଏବଂ ବିଶେଷକରି ସେହି ସମସ୍ତ ଶିକ୍ଷକ ଓ ବ୍ୟକ୍ତିବିଶେଷଙ୍କୁ ସ୍ମରଣ କରେ, ଯେଉଁମାନେ ମୋତେ ଭାଷା ଓ ଶବ୍ଦର ସଠିକ୍ ବ୍ୟବହାର ଶିଖାଇଥିଲେ। ସତ୍ୟ, ସୌନ୍ଦର୍ଯ୍ୟ ଏବଂ ମାନବିକତାର ଜୟଗାନ କରିବା-ଏହି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶକୁ ଆଖିରେ ରଖି ମୋର ଏହି ସାରସ୍ୱତ ଯାତ୍ରା ଅବ୍ୟାହତ ରହିଛି।

■ **ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଏବଂ କାହିଁକି ?**

■■ ବର୍ତ୍ତମାନ ସୁଦ୍ଧା ମୋର ପ୍ରାୟ ବତିଶଟି ପୁସ୍ତକ ପ୍ରକାଶିତ ହୋଇସାରିଛି, ଯେଉଁଥିରେ କବିତା, ଗଳ୍ପ, ଅନୁବାଦ, ପ୍ରବନ୍ଧ, ସମାଲୋଚନା, ଶିଶୁ ସାହିତ୍ୟ ଓ ସମ୍ପାଦନା ଗ୍ରନ୍ଥ ଅନ୍ତର୍ଭୁକ୍ତ। ଏସବୁ ଭିତରୁ ପ୍ରତ୍ୟେକଟି ପୁସ୍ତକ ମୋର ମାନସସନ୍ତାନ ପରି। ତଥାପି, ଯେଉଁ ପୁସ୍ତକଗୁଡ଼ିକରେ ମୋର ମୌଳିକ ଚିନ୍ତାଧାରା ଏବଂ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଗଭୀର ନିଷ୍ଠା ପ୍ରତିଫଳିତ ହୋଇଛି, ସେଗୁଡ଼ିକ ମୋ ପାଇଁ ଅଧିକ ପ୍ରିୟ। ବିଶେଷକରି ଭାଷା ଓ ଶିକ୍ଷାକୁ ନେଇ ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମୋ ହୃଦ୍‌ବୋଧର ନିକଟତର।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?**

■■ ମାତୃଭାଷା ଆଜି ଯେଉଁ ସଂକଟର ସମ୍ମୁଖୀନ ହୋଇଛି, ତାହା କେବଳ ଭାଷାର ସମସ୍ୟା ନୁହେଁ ବରଂ ଏହା ଆମ ଅସ୍ମିତା ଓ ସଂସ୍କୃତିର ସମସ୍ୟା। ଏହି ସଂକଟରୁ ମୁକ୍ତି ପାଇବାର ମାର୍ଗ କେବଳ କବିତାରେ ସୀମିତ ନୁହେଁ, କିନ୍ତୁ କବିତା ଏଥିରେ ଏକ ପ୍ରଭାବଶାଳୀ ମାଧ୍ୟମ ସାଜିପାରେ। କବିତା ହେଉଛି ମାତୃଭାଷାର ସ୍ପନ୍ଦନ ଓ ପ୍ରାଣପିଣ୍ଡ। ଯେତେବେଳେ ଜଣେ କବି ମାତୃଭାଷାର ବ୍ୟଥାକୁ ନେଇ କବିତାଟିଏ ସୃଷ୍ଟି କରନ୍ତି, ସେତେବେଳେ ତାହା ପାଠକର ହୃଦୟକୁ ସିଧାସଳଖ ଆନ୍ଦୋଳିତ କରେ। କବିତାର କୋମଳ ସ୍ୱର, ଭାବର ଗଭୀରତା ଏବଂ ଶବ୍ଦର ଶକ୍ତି ଯୁବପିଢ଼ିଙ୍କୁ ମାତୃଭାଷା ପ୍ରତି ଆକୃଷ୍ଟ କରିବାରେ ଏକ ବଡ଼ ଭୂମିକା ଗ୍ରହଣ କରିପାରେ। ତେବେ କେବଳ କବିତା ନୁହେଁ, ପରିବାରଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଏବଂ ଦୈନନ୍ଦିନ ଜୀବନର ପ୍ରତ୍ୟେକ ସ୍ତରରେ ମାତୃଭାଷାର ବ୍ୟାପକ ପ୍ରୟୋଗ ହିଁ ଏହି ସଂକଟରୁ ସ୍ଥାୟୀ ମୁକ୍ତି ଦେଇପାରିବ।

■ **ଲେଖକ ହେବା ପଛରେ ସାମାଜିକ ପରିଚୟ ବା ସ୍ୱୀକୃତି ବ୍ୟତୀତ ଆଉ ସବୁ କଣ କାରଣ ଥାଏ ? କବିତା ହେଉ କି ଗପ ବା ପ୍ରବନ୍ଧ, ଏଥିରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଲେଖକ ହେବା କୌଣସି ବାହ୍ୟ ପରିଚୟ କିମ୍ବା ସ୍ୱୀକୃତି ପାଇଁ ନୁହେଁ; ଏହା ହେଉଛି ନିଜ ଭିତରର ଦାହ ଓ ଅନୁଭୂତିକୁ ବାହାରକୁ ଆଣିବାର ଏକ ଅନିବାର୍ଯ୍ୟ ଆବଶ୍ୟକତା। ସମାଜର ଅସଙ୍ଗତି, ବେଦନା ଓ ଆଶାକୁ ଶବ୍ଦରୂପ ଦେବା ହିଁ ଲେଖକର ମୁଖ୍ୟ ଉଦ୍ଦେଶ୍ୟ। ନିଶ୍ଚୟ, ସାହିତ୍ୟର ଶକ୍ତି ରହିଛି ମାନସିକତା ପରିବର୍ତ୍ତନ କରିବାରେ। ଏହା ମଣିଷର ସଂକୀର୍ଣ୍ଣତାକୁ ଦୂର କରି ତାକୁ ଅଧିକ ସମ୍ବେଦନଶୀଳ, ମାନବବାଦୀ ଏବଂ ଜ୍ଞାନୀ କରି ଗଢ଼ିତୋଳିବାରେ ସାହାଯ୍ୟ କରେ।

■ **ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?**

■■ ଚଳମାନ ସମୟଖଣ୍ଡରେ ସାହିତ୍ୟର ଭବିଷ୍ୟତକୁ ନେଇ ଯେତିକି ଆଶାବାଦୀ, ସେତିକି ନିରାଶବାଦୀ ମଧ୍ୟ। ଏବେ ସାହିତ୍ୟ ପ୍ରତି ଯୁବପିଢ଼ିଙ୍କର ରୁଚି କମିବାରେ ଲାଗିଛି ଏବଂ ପାଠକୀୟ ସ୍ପୃହା ଆଉ ଆଗ ଭଳି ଦୃଶ୍ୟମାନ ହେଉନାହିଁ। କେବଳ ମୋବାଇଲ୍ ସ୍କ୍ରିନ୍ ସ୍କ୍ରୋଲିଂ ଭିତରେ ଆଜି ସାହିତ୍ୟର କଣ୍ଠରୋଧ କରାଯିବା ଯେପରି ଦେଖିବାକୁ ମିଳୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ଆଜିର ସାହିତ୍ୟରେ ମାଟିର କୀର୍ତ୍ତନ ନାହିଁ, ବରଂ ଅଛି ଆକାଶର ବନ୍ଦନା। କିନ୍ତୁ ମାଟିକୁ ଛାଡ଼ି କ'ଣ କେବେ ସାହିତ୍ୟ ସୃଷ୍ଟି ହୋଇପାରିବ ? ଆଜିକାଲି କିଛି ତଥାକଥିତ ଓ ଆତ୍ମଘୋଷିତ ଲେଖକ ଉପରମୁହାଁ ହୋଇଥିବାରୁ ଆମ ଭାଷା ଓ ସଂସ୍କୃତି ପ୍ରତି ଅନାଦାର ବଢ଼ିବାରେ ଲାଗିଛି। ଏଭଳି ସ୍ଥଳେ ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତଥାପି, ଏହି ଅନ୍ଧକାର ମଧ୍ୟରୁ ଆଲୋକର ବାଟ ଖୋଜିବାକୁ ପଡ଼ିବ। ଏଥିରୁ ମୁକ୍ତି ପାଇବାକୁ ହେଲେ ପ୍ରଥମେ ମାତୃଭାଷା ପ୍ରତି ପିଲାମାନଙ୍କ ମନରେ ସହଜ ଓ ସ୍ୱାଭାବିକ ଆଗ୍ରହ ସୃଷ୍ଟି କରିବାକୁ ପଡ଼ିବ। ସାହିତ୍ୟକୁ କେବଳ ପୁସ୍ତକର ପୃଷ୍ଠାରେ ସୀମିତ ନ ରଖି, ବିଦ୍ୟାଳୟ ସ୍ତରରୁ ଏହାର ମୂଲବୋଧକୁ ପିଲାମାନଙ୍କ ଭିତରେ ବୁଣିବାକୁ ହେବ। ଲେଖକମାନଙ୍କୁ ମାଟିର ମହକ ଓ ମଣିଷର ବ୍ୟଥାକୁ ନେଇ ସୃଜନକର୍ମ କରିବାକୁ ପଡ଼ିବ। ଯେତେବେଳେ ସାହିତ୍ୟ ପୁଣିଥରେ ସାଧାରଣ ମଣିଷର ନିଃଶ୍ୱାସ ଓ ବିଶ୍ୱାସ ସହିତ ଜଡ଼ିତ ହେବ, କେବଳ ସେତେବେଳେ ଯାଇ ଓଡ଼ିଆ ସାହିତ୍ୟର ଭବିଷ୍ୟତ ସୁରକ୍ଷିତ ଏବଂ ଉଜ୍ଜ୍ୱଳ ହୋଇପାରିବ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପୁରସ୍କାର ଜଣେ ଲେଖକ ପାଇଁ କାମ କରିବାର ପ୍ରୋତ୍ସାହନ ହୋଇପାରେ, କିନ୍ତୁ ଏହା କେବେହେଲେ ସୃଜନକର୍ମର ମୂଳ ଲକ୍ଷ୍ୟ ହୋଇନପାରେ। ପ୍ରକୃତ ପୁରସ୍କାର ହେଉଛି ପାଠକର ଭଲପାଇବା ଏବଂ ସମାଜର ମାନ୍ୟତା। ସାହିତ୍ୟ ମାଧ୍ୟମରେ ମୁଁ ଏତିକି ଚାହିଁବି ଯେ- ମାନବିକତା, ପରସ୍ପର ପ୍ରତି ପ୍ରେମ, ସହାନୁଭୂତି ଏବଂ ମାଟି ପ্রତି ଦାୟିତ୍ୱବୋଧର ବାର୍ତ୍ତାଟି ସମସ୍ତଙ୍କ ପାଖରେ ପହଞ୍ଚୁ। ସାହିତ୍ୟ ସମାଜକୁ ଯୋଡୁ, ଭାଙ୍ଗିବା ପରିବର୍ତ୍ତେ ଗଢ଼ିତୋଳୁ। ♥♥

## ■ ଅଳ୍ପରେ ରାଧାରଂଜନ ପଟ୍ଟନାୟକ

ଜନ୍ମ- ଧନୁ ସଂକ୍ରାନ୍ତି -୧୯୫୮
ପିତା - ସ୍ୱର୍ଗତଃ ବିନୋଦ ବିହାରୀ ପଟ୍ଟନାୟକ
ମାତା - ସ୍ୱର୍ଗତା ପାର୍ବତୀ ମଣି ପଟ୍ଟନାୟକ
ବର୍ତ୍ତମାନର ଠିକଣା- ସଲୁରୋଡ, କାଦ୍ରାବାଦ, ସୁନହଟ
(ମୋ) ୯୪୩୮୨୯୦୦୭୨



### ପ୍ରକାଶିତ ପୁସ୍ତକ...

**ଗଳ୍ପ**
୧- ମହାମଗ୍ନ
୨-ନର୍କକୁ ଯାଅ ହେ ନାରାଧମ

**କବିତା**
୧--ଈର୍ଷାର ଅନ୍ୟନାମ ବର୍ଷା
୨-ମାଟି କାନ୍ଦୁ
୩-ଚିତ୍ରରାତି
୪-ଅନ୍ଧାର ଅପ୍ରମିତ
୫-ଛାଇ ପ୍ରେମ
୬-**Shadow love**

**ପ୍ରବନ୍ଧ ଓ ସମାଲୋଚନା**
୧-ସାହିତ୍ୟାନୁଶୀଳନ
୨-ଆଧୁନିକ କବିତାର କଳା ଶିଳ୍ପ
୩-ସାମ୍ପ୍ରତିକ ସାହିତ୍ୟର ଦଶା ଓ ଦିଶା
୪-ରୋମାଣ୍ଟିକ ଏଜ ବନାମ ସବୁଜ ଯୁଗ
୫-ସୃଜନର ସ୍ୱର୍ଣ୍ଣ ଭୂମି
୬-ରାମ ସାହିତ୍ୟ ଓ ଓଡ଼ିଆ ଅସ୍ମିତା
୭-ବିନ୍ଦୁରୁ ବିବିଧ
୮-ଓଡ଼ିଆ ଭାଷା କଳ୍ପର ବାଂମୟ ବିଧା
୯-ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସମାଲୋଚନା ସାହିତ୍ୟ
୧୦-ସତ୍ୟବାଦୀ ସାହିତ୍ୟ ଏକ ପରିକ୍ରମା

**ଅନୁବାଦ**
୧-ନାଥନିଏଲ ହଥର୍ଣ୍ଣଙ୍କ ସ୍କାରଲେଟ ଲେଟର ଓଡ଼ିଆ ରୂପାନ୍ତର - ଲୋହିତାକ୍ଷର
୨-ବଙ୍ଗୀୟ ଔପନ୍ୟାସିକ ଶରତ ଚନ୍ଦ୍ରଙ୍କ ଉପନ୍ୟାସ 'କାଶୀନାଥ' ର ଉପନ୍ୟାସ ଓଡ଼ିଆ ଭାଷାନ୍ତର

**ଶିଶୁ ଗଳ୍ପ ସଂକଳନ**
୧-ସାରୁ ଗଛ ମୂଳେ ବେଙ୍ଗ ରାଜା
୨-ଲୋଭର ପରିଣାମ

**ଜୀବନୀ**
୧- ଜୀବନ ପଥେ (ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ବାଞ୍ଛାନିଧି ମହାନ୍ତିଙ୍କ ଜୀବନୀ)
୨-ଅରଣ୍ୟରୁ ଅଭିଷେକ(ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲାଇଫ ସ୍କେଚ)

**ସମ୍ପାଦନା**
୧-ସୃଜନ ସ୍ୱାକ୍ଷର (ଓଡ଼ିଶାର ବିଶିଷ୍ଟ କବିଙ୍କର ୧୬-ନିର୍ବାଚିତ କବିତାକୁ ନେଇ ସଂକଳନ)
୨-ଫକୀର ମୋହନଙ୍କ ସରଳ ବ୍ୟାକରଣ
୩-ଅଭିନୁ ଦିଗନ୍ତ :ଭିନ୍ନ ବ୍ୟକ୍ତିତ୍ୱ
୪--ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ: ଇଆଡ଼େ ଦେଖ'
୫-କବିତା ଶବଦରେ ବୋଉ
୬- କବିତା ସମକାଳ- ଭାଗ(୧)
୭-କବିତା ସମକାଳ- ଭାଗ(୨)
୮-କବିତା ଶତକ

ପ୍ରକାଶ ଅପେକ୍ଷାରେ-ଫକୀର ମୋହନଙ୍କ ସାହିତ୍ୟର ବିଶ୍ୱବିକ୍ଷା








ସାହିତ୍ୟ ସଭାମାନଙ୍କରେ ଲେଖକ ଡ. ପଟ୍ଟନାୟକ




ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...




ସୁଖୀ ପରିବାର : ପତ୍ନୀ, ପୁତ୍ର, ପୁତ୍ରବଧୂ ଓ ନାତିଙ୍କ ସହ ଲେଖକ ଡ. ରାଧାରଂଜନ ପଟ୍ଟନାୟକ...

## ଧାରାବାହିକ ଅନୁବାଦ ଉପନ୍ୟାସ



# ପୂର୍ଣ୍ଣମିଦମ୍

**ହିନ୍ଦୀ ମୂଳ- ସରୋଜ କୌଶିକ**
**ଅନୁବାଦ- ନମିତା ପାଇକରାୟ**



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୁର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୧୧**
(ପୂର୍ବ ପ୍ରକାଶିତ ଉତ୍ତାରୁ)

ତା'ର ଓ ବୀରୁର ସଂପର୍କ ତ କ୍ଷଣିକର ନୁହେଁ ଯେ କୋଉ ମୁହୂର୍ତ୍ତରେ ଭାଙ୍ଗିଯାଇ ପାରେ। କିନ୍ତୁ ବୀରୁ କଥାଟିକୁ ସେହି ମୁହୂର୍ତ୍ତରେ ଅନ୍ତ କରି ଦେଇଥିଲେ ।

ତା' ପରଦିନ ବୀରୁ 'ଗୌରା ପବ୍ଲିକେସନ୍'ରେ ପହଞ୍ଚି ସିଧା ଗୌରାର କୋଠରୀକୁ ଯାଇଥିଲା ।

'ତୁମେ ଏକା ଅଛ ?' ନିରର୍ଥକ ପ୍ରଶ୍ନ । ଦେଖୁଥିଲା ଗୌରା ଏକା ଥିଲା କୋଠରୀରେ।

'ହଁ ଏକା ଅଛି' ସେ ଏମିତି ଉତ୍ତର ଦେଇଥିଲା । ଯେମିତି କୋଠରୀରେ ସେ ଏକା ନୁହେଁ ଜୀବନରେ ସେ ଏକାକୀ ଅଛି ।

'ତୁମେ ରିଚା ପାଖକୁ ଯାଇଥିଲ ?'

'ହଁ ଯାଇଥିଲି । ରିଚା ନିଶ୍ଚୟ କହିଥିବ । ତୁମେ କଣ ନିର୍ଣ୍ଣୟ ନେଲ ?' ଗୌରାର ପ୍ରଶ୍ନରେ ଉତ୍ସୁକତା ଥିଲା ।

'ବୀରୁ କାହିଁକି ତୁମେ ତୁମ ଜୀବନକୁ ଏକ ଛାଇ ପଛରେ ଦୌଡ଼ାଇ ଦୌଡ଼ାଇ ସମାପ୍ତ କରୁଛ ?'

ବୀରେଶ୍ୱରକୁ ଏକଥା ଶୁଣି ଆଶ୍ଚର୍ଯ୍ୟ ଲାଗିଲା। ସେ କହିଲା, ଗୌରା, ଜୀବନରେ କୌଣସି ଆରମ୍ଭର ସ୍ପଷ୍ଟ ନଥାଏ କି କୌଣସି ଅନ୍ତ ବି ସ୍ପଷ୍ଟ ହୁଏ ନାହିଁ । ଜୀବନର ବିସ୍ତାର ଏତେ ବିସ୍ତାରିତ ଯେ ଏକା ସହ ଆରମ୍ଭ ଓ ଅନ୍ତକୁ ଦେଖିବା ସମ୍ଭବ ନୁହେଁ । ଏକ ସମୟରେ ଜୀବନର ମାତ୍ର ଗୋଟିଏ କୋଣକୁ ଦେଖିହେବ, ପୁରା ଜୀବନ ନୁହେଁ । ମୁଁ ଯେଉଁ କୋଣରୁ ମୋ ଜୀବନକୁ ଦେଖୁଛି, ତାହା ମୋ ପାଇଁ ସ୍ପଷ୍ଟ, ଯାହା ମୁଁ ଚୟନ କରିଛି ।

ରିଚା ଆଜି ବି ବୁଝି ପାରିନି । ସେମାନେ ଦୁହେଁ ଯେଉଁ ଜୀବନ ଜିଉଛନ୍ତି, ସେମାନେ କଣ ନିଜେ ଚୟନ କରିଥିଲେ । ନାଁ ପରିସ୍ଥିତି ତାଙ୍କୁ ବାଧ କରିଛି । ଏହି ମତାମତକୁ ନେଇ ସେ ଭାବିଲା, ଯେତେବେଳେ ବିରୁ ଗୌରା ଦିଦିଙ୍କ ଜାତି, ବୟସର କାରଣ ଦର୍ଶାଇ ମନା କରି ଦେଇଥିଲା । ଗୌରା ବି ବୀରୁକୁ କହିଥିଲା 'ଏ ଜାତି, ଗୋତ୍ର, ବୟସ ସବୁ କଳ୍ପନା ମାତ୍ର । ସମାଜ ତା'ର ପ୍ରୟୋଜନ ପାଇଁ ଜାତିଭେଦ ସୃଷ୍ଟି କରିଛି । ତାହା ସେହି ସମୟର ସତ୍ୟ ଥିଲା । ଆଉ ବୟସ ଆଦି ମାନବମାନଙ୍କ ଏକ ଆପେକ୍ଷିକ କଳ୍ପନା ଥିଲା, ଯାହା ଆଜି ଜୀବନର ପ୍ରମାଣପତ୍ର ପାଲଟି ଯାଇଛି ।

ବୀରୁର ବାଧବାଧକତାକୁ ବୁଝିପାରି ଗୌରା କହିଥିଲା, ବୀରୁ ଫ୍ଲାଟ ଠିକ୍ କରିସାରିଛି। ରିଚା ଓ ଝିଅକୁ ନେଇ ସେଇଠିକୁ ଚାଲିଯିବ । ତୁମ ତିନିଜଣଙ୍କ ସହ ଆଉ ଭିଡ଼ ଦରକାର ନାହିଁ ।'

ଗୌରାର କଣ୍ଠ ଭିଜାଭିଜା ଥିଲା । ସେ ତା' ବାବାଙ୍କୁ କହିଥିଲା, ବର୍ତ୍ତମାନ ପାଇଁ ବୀରୁ ଓ ରିଚାକୁ ଆର୍ଥିକ ସାହାଯ୍ୟ ନିହାତି କରିବାକୁ ପଡ଼ିବ, ନୂଆଘର । ପ୍ରଜ୍ଞା ସହ ରିଚା ପହଞ୍ଚି ଥିଲା, ତା'ର ସବୁ କିଛି ସେମିତି ମନେ ପଡ଼ିଗଲା ।

'ଆସ ରିଚା ।' ଗୌରା ରିଚାର ହାତଧରି କହିଥିଲା, ଏ ଟୁକ୍‌ଟୁକୀ ପ୍ରଥମେ ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡୁ, ତା' ପରେ ଆମେ ପ୍ରବେଶ କରିବା। ରିଚା ଓ ପ୍ରଜ୍ଞା ଦୁହେଁ ଘର ଭିତରକୁ ପ୍ରବେଶ କଲେ ।

ସେଦିନ ରିଚାର ଗୌରା ଏବଂ ଗୌରା ବାବାଙ୍କ ପ୍ରତି ଏକ ପ୍ରଗାଢ଼ ସମ୍ମାନବୋଧ ସହ କୃତଜ୍ଞତା ହୃଦୟରେ ଭରିଗଲା । ସେ ମନେ ମନେ ଦୁହିଁଙ୍କୁ ଶତନମନ କରିଥିଲା। ସେବେଠାରୁ ବୀରେଶ୍ୱର ରିଚା ଓ ପ୍ରଜ୍ଞାର ଯତ୍ନ ନେବାରେ କୌଣସି ଅବହେଳା କରି ନଥିଲା। ଦିନେ ରିଚା ସ୍ୱାଭିମାନ ସହ କହିଲା, ବୀରୁ ମୁଁ ଅପଙ୍ଗ ନୁହେଁ, ମୁଁ ମାଆ ପରା । ଏତେ ଧ୍ୟାନ ଆମ ଦୁହିଁଙ୍କ ଉପରେ ଦେଇ ମୋତେ କମ୍‌ଜୋର କରି ଦିଅନା। ମୋତେ ଅବଳା ଦୁର୍ବଳା ନାରୀ ମନେ କରିବାକୁ ଦିଅନା ।

ବୀରେଶ୍ୱର ଚମକି ପଡ଼ିଥିଲା । କମ୍‌ଜୋର ପୁଣି ରିଚା ? ରିଚା ଦୁର୍ବଳା କେବେ ନଥିଲା । ଅସମ୍ଭବ! କଠିନରୁ କଠିନ ବାଧା ଆଗରେ ସମର୍ପଣ ନ କରିବାର ନାଁ- ରିଚା ଶର୍ମା । ରିଚାର ଜୀବନ ତା' ଆପଣା ଇଚ୍ଛାରେ ଚାଲିଥିଲା । ଅତୀତକୁ ମନେ ପକାଇ ହସିଲା ରିଚା ।

ରିଚା ଏବେ ସଂପୂର୍ଣ୍ଣ ପ୍ରଜ୍ଞା ଓ ଲେଖାଲେଖିରେ ବ୍ୟସ୍ତ ଥିଲା ଏବଂ ବୀରୁ 'ଗୌରା ପବ୍ଲିକେସନ'ରେ ବ୍ୟସ୍ତ ରହିଥିଲା । ବୀରେଶ୍ୱର ଏବେ ଏକ ସଫଳ ପ୍ରକାଶକ ରୂପରେ ଗଣା ଯାଉଥିଲା । ସେ ଏବେ ଏକ ପତ୍ରିକା ବି ପ୍ରକାଶ କରିବା ଆରମ୍ଭ କରିଦେଇଥିଲେ । ପତ୍ରିକାର ନାମ ଥିଲା 'ବାସ୍ତବ' । ସମ୍ପାଦନା ମଣ୍ଡଳରେ ଜଣେ ଯୋଗ୍ୟ ବ୍ୟକ୍ତି ରସିଦ୍ ବି ମିଶି ଯାଇଥିଲା । ଆଷାଢ଼ର ନୀଳ ମେଘ ପରି ଅନ୍ଧକାର ସମାନ ରସିଦର ଜୀବନ ଥିଲା । ସୁଖଦୁଃଖର ରାସ୍ତା ବଡ଼ ବେଢଙ୍ଗ ତାଲିକାରେ ତା' ଜୀବନରେ ଅତିବାହିତ ହୋଇଥିଲା । କିନ୍ତୁ ସେ ଗୌରବପୂର୍ଣ୍ଣ ଯୁବକର ବ୍ୟକ୍ତିତ୍ୱରେ ଏକ ଚୁମ୍ବକୀୟ ଶକ୍ତି ଥିଲା । ଯାହା ଗୌରାକୁ ନିଜ ଆଡ଼କୁ ଆକର୍ଷିତ କରି ନେଲା ।

ଦ୍ୱିପ୍ରହର, ଗୌରା ଘରେ ଗଜଲର ଆସର ଜମିଥିଲା । ରସିଦ ସାମ୍ନାରେ ଗୌରା ବସିଥିଲା ମୁଗ୍ଧ, ବିମୁଗ୍ଧ ହୋଇ । ରସିଦର ସ୍ୱର ଗୌରାର ହୃଦୟକୁ ଛୁଇଁ ଯାଉଥିଲା । ଯେତେବେଳେ ସେ ଗାଉଥିଲା, 'ଡେରି ହେଲା ତୁମ ଆସିବାର, ଧନ୍ୟବାଦ ପୁନଶ୍ଚ ଆସିଲ, ଆଶା ହୃଦୟର ହାତ ଛାଡ଼ିନି, କେବଳ ମୁଁ ଚମକିଛି। ରସିଦ୍ ନିଜ ଧୂନ୍‌ରେ ଗାଉଥାଏ । କିନ୍ତୁ ଗୌରାକୁ ଲାଗୁଥାଏ, କେବଳ ତାକୁ ଏଇ କଥା ଶୁଣାଇବା ପାଇଁ ରସିଦ୍ ଗଜଲ ଗାଉଛି । ରସିଦ୍ ପ୍ରତି ତାର ପ୍ରେମର ପ୍ରତିଉତ୍ତର ତାକୁ ମିଳିଗଲା ।

ଗଜଲର ଆସର ସରିଲା ପରେ, ଗୌରା ରସିଦ୍‌କୁ ଘରେ ଛାଡ଼ି ଆସିବାର ବାହାନାରେ ନିଜ ଗାଡ଼ିରେ ବସାଇ ନେଇଗଲା, ନିଜେ ଡ୍ରାଇଭ କଲା । ରସିଦ୍‌ର ଘର ସାମ୍ନାର ଆଗରୁ ରେଲୱେ କ୍ରସିଂର ଫାଟକ ଆସିଲା । ଗୌରାର ଗାଡ଼ି ସେଇଠି ଅନ୍ଧାରରେ ଠିଆ ହୋଇଥିଲା । ହଠାତ୍ ରସିଦ୍ ହାତକୁ ଧରି ଗୌରା କହିଲା- 'ରସିଦ୍ ଆଇ ଲଭ ୟୁ । ଆଇ ୱାଣ୍ଟ ଟୁ ୟୁ ଟୁ ମ୍ୟାରୀ ମି । ବାସ୍ ଶୀଘ୍ର ବିବାହ ହେବା ଦରକାର ।'

ହଠାତ୍ ଏମିତି କଥା ଶୁଣି ରସିଦ୍ ଆଶ୍ଚର୍ଯ୍ୟ ହୋଇଗଲା । ଆବାକାବା ହୋଇ ଚାହିଁଲା । ଗୌରା ରସିଦ୍‌ର ମନକଥା ବୁଝି ପାରିଲା, କହିଲା, 'ମିଥ୍ୟା ପ୍ରବଞ୍ଚନା କାହିଁକି ? ନିଜର ଯଦି ସାହସ ନାହିଁ, ଅନ୍ୟର ଦୁଃସାହସକୁ ଉପେକ୍ଷା କରିବା ଉଚିତ ନୁହେଁ ।' କହିସାରି ଗୌରା ଦୁଇ ବାହୁରେ ରସିଦକୁ ଜଡ଼ାଇ ଧରିଲା। ରସିଦ୍ ନିଜକୁ ନଛଡ଼ାଇ କହିଲା, 'ଗୌରା ମୋତେ ଛାଡ଼ି ଦିଅ, ତୁମେ ନିଡ଼ର ଅଟ, କିନ୍ତୁ ମୁଁ ସମାଜ ଧର୍ମ-ବର୍ଗକୁ ନେଇ ଭୟଭୀତ ଏବଂ ଏ ବିଷୟରେ ଚିନ୍ତା ବି କରିବା ବହୁତ ଦୂରର କଥା । ଚାହିଁଲେ ବି କରି ପାରିବନି ।' ଅତି ଭୟାଳୁ ଶବ୍ଦରେ ରସିଦ କହିଲା ।

ଗୌରା ରାଗିଗଲା । 'ଧର୍ମ ? ଏ ଧର୍ମ କେବଳ ସାମ୍ନାରେ ରହି ଅବରୋଧ ଜନ୍ମାଉଛି। ପଛରେ ରହିଲେ ଯୁଦ୍ଧ କରାଉଛି । ସେଥିପାଇଁ ଆମେ ଦୁହେଁ କୌଣସି ଧର୍ମ ସହ ସନ୍ଧି କରିବା ନାହିଁ । ଆମ ଜୀବନ ଆମ ଧର୍ମ ହେବ । ଜାଣିଛ କେଉଁଠି ଥରେ ପଢ଼ିଥିଲି କି, ତୁଳସୀ ଦାସ ଲଙ୍କା ଦହନ ପର୍ଯ୍ୟନ୍ତ ଲୋକଙ୍କୁ ଭ୍ରମରେ ରଖିଥିଲେ କି ସୀତାଙ୍କୁ ମାନସିକ ଯାତନା କେବଳ ରାବଣ ଦେଇଥିଲା । କିନ୍ତୁ ସମୟକ୍ରମେ ସୀତାଙ୍କ ଗର୍ଭାବସ୍ଥାରେ ଅରଣ୍ୟ ଜୀବନ କେତେ ଦୁଃଖଦାୟୀ ଥିଲା । ରାମ ଆମର ଦେବତା, ସୀତା ଆମର ଦେବୀ । ତାଙ୍କ ଜୀବନ ଅତ୍ୟନ୍ତ କଷ୍ଟସାଧ । ତା' ପଛରେ ଅନେକ କିଛି କାରଣ ଅଛି । କିନ୍ତୁ ରସିଦ, କଳିଯୁଗର ମଣିଷ ମାନେ କଣ ଏସବୁ ବୁଝୁଛନ୍ତି । ମୁଲ୍ଲାକାଜୀଙ୍କ ଦ୍ୱାରା ବି କିଛି ଘଟଣା ଘଟୁଛି । ସ୍ୱର ଉତ୍ତୋଳନ କଲେ ଦେଶରୁ ବିତାଡ଼ିତ କରାଯାଉଛି । ଏ ଯୁଗରେ ସମସ୍ତେ ଗୀତା ଓ କୋରାନରେ ଦିଆ ହୋଇଥିବା ଶିକ୍ଷାରୁ ଦୂରକୁ ଯାଇ ନିଜକୁ ସୁହାଇଲା ପରି ବ୍ୟବହାର କରୁଛନ୍ତି । ସମସ୍ତେ ତ ନିଜ ନିଜର ଫାଇଦା ଦେଖୁଛନ୍ତି ।' ଗୌରାର ଶବ୍ଦରେ ସ୍ଥିରତା ଓ ଓଜନ ଥିଲା ।

ରସିଦ ପୁଣି କହିଲା, 'ଗୌରା, ତୁମେ ଉଡ଼ନ୍ତା ଚଢ଼େଇ ଅଟ, ତୁମକୁ କଣ ବନ୍ଧନ ସ୍ୱୀକାର ହେବ ?

'ବନ୍ଧୁ ! ପକ୍ଷୀ ଗୋଟିଏ ପଟ ଡେଣାରେ ଉଡ଼ି ପାରେନା ।'

ଗୌରା ଏମିତି କହି ରସିଦକୁ ନିଜ ଆଡ଼କୁ ଟାଣିବାକୁ ଚେଷ୍ଟା କଲା । ରସିଦର ବି ପୁରୁଷତ୍ୱ ଜାଗି ଉଠିଲା । ସେ ବି ତା'ର ବାହୁ ବନ୍ଧନରୁ ମୁକ୍ତ ହେବାକୁ ଚାହିଁଲାନି । ଦୁହିଁଙ୍କ ଉତ୍ତପ୍ତ ଓଠ ଏକାକାର ହେବାକୁ ଲାଗିଲା। ପ୍ରେମ ଦୁଇ ଧର୍ମର ସୀମା ବନ୍ଧ ଡେଇଁ ଆମକୁ ଚାଲିଗଲା ।

ସେଠଜୀଙ୍କ ପାଖକୁ କଥା ପହଞ୍ଚିଲା, ତାଙ୍କ ଚିନ୍ତା ବଢ଼ିଗଲା । ନିନ୍ଦୁକମାନଙ୍କ ପାଇଁ, ଗୌରା ତ ପୁରା ଏଭଳି କର୍ମ କରିବାକୁ ଯେମିତି କମର କଷି ଦେଇଛି, ବାପାଙ୍କୁ ଚମକାଇ କହୁଛି, 'ଡାଡି ଡର କାହିଁକି ? କଣ ପାଇଁ ? ସଂସାରରେ ବହୁତ ଅଭାବ ଅଛି । ହେଲେ ନିନ୍ଦୁକମାନଙ୍କର ଅଭାବ ନାହିଁ । ଜଣକୁ ଖୋଜିଲେ ହଜାରେ ମିଳିବେ । ରିଚାକୁ ନେଇ କଣ ଲୋକମାନେ ଚର୍ଚ୍ଚା କଲେନି ? ଛାଡ଼ ବିବାହ ପାଇଁ ପ୍ରସ୍ତୁତ ହେବାକୁ ହେବ । ଯାହା ଯେମିତି କରି କାଗଜପତ୍ର କରି ଦେଇଛି । କାଲି ସନ୍ଧ୍ୟାରେ ମ୍ୟାରେଜ ରେଜିଷ୍ଟ୍ରେସନ୍ ହେବ ।

ସେଠଜୀ ଅବୁଝା ଝିଅକୁ ବୁଝାଇ ନପାରି, ଶେଷକୁ ବାହାଘର ପାଇଁ ମଞ୍ଜୁରୀ ଦେଇଦେଲେ। ଗୌରା ସେଇଠି ସେହି ଘରେ ବାହାଘର ପରେ ରହିବା ପାଇଁ ଆଶ୍ୱାସନା ଦେଲା । ବୀରୁ ଗୌରାକୁ ବୁଝାଇବାକୁ ଲାଗିଲା, ଦୁଇ ଧର୍ମର ସଂସ୍କାର ଗୋଟିଏ ଘରେ ରହିଲେ ଅସୁବିଧା ହୋଇପାରେ । ଗୌରା ରାଗିଗଲା। ରାଗି କରି କହିଲା, ଆଜିକା ଯୁଗରେ ଧର୍ମ ପ୍ରଚାରକମାନେ ଦେହି ଦେହି ମନ୍ତ୍ର ଜପି ଦେହ ବେପାରର ଧନ୍ଦା କରନ୍ତି । ଚ୍ୟାନେଲରେ ଗୋଟିଏ ଚର୍ଚ୍ଚା । ଘଣ୍ଟା ଡାହାଣ ପଟେ ବଜେଇବା ଦରକାର ନା ବାଁ ପଟେ । ଦିନକୁ ଆବୃତ୍ତି ଦୁଇଥର ହେବା ଉଚିତ୍ ନା ଚାରି ଥର । ଧର୍ମ ମଣିଷକୁ ସ୍ୱତନ୍ତ୍ର କରେ ନା ଅଧିକ ଭୀରୁ ? ବୀରୁ ତୁମେ ଚିନ୍ତା କରିବା ଦରକାର ନାହିଁ । ମୋର ରସିଦ ସହ ଜୀବନ ଠିକ୍‌ଠାକ୍ ବିତିଯିବ ।

ଗୌରାର ପ୍ରକୃତ ପରିଚୟ ପାଇବା ବହୁତ କଠିନ, ଏ କଥା ବୀରୁ ଭଲ ଭାବେ ଜାଣିଥିଲା । ସେ ତାକୁ ବି ବୁଝି ସାରିଥିଲା ଯେ ଧର୍ମ ବର୍ଗ ଏସବୁ କେବଳ କହିବା କଥା । ଗୌରା ସିଦ୍ଧାନ୍ତ ମାନେ ବିବାହ ହେବା ନିଶ୍ଚୟ ।

(କ୍ରମଶଃ)

♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

# ଆସ୍ଥା, ଶକ୍ତି ଓ ଆତ୍ମଜାଗରଣରେ ଆଲୋକିତ ଉତ୍ସବ ଦୀପାବଳି



**ଡକ୍ଟର ନିହାର ରଞ୍ଜନ ସାବତ**

ସନ୍ଧ୍ୟା ଆକାଶରେ ଅନ୍ଧକାର ଧୀରେ ଧୀରେ ଘନେଇ ଆସୁଥିବା ବେଳେ ଘରର ଦୁଆର ମୁହଁରେ ଜଳିଉଠେ ଗୋଟିଏ ଛୋଟ ମାଟିଦୀପ। ତା'ପରେ ଆଉ ଗୋଟିଏ, ଆଉ ଗୋଟିଏ ଦେଖୁ ଦେଖୁ ଅଗଣା, ଦାଣ୍ଡ, ମନ୍ଦିର ଓ ସହରର ରାସ୍ତା ଆଲୋକରେ ଝଲସିଉଠେ। ଆତସବାଜିର ରଙ୍ଗିନ ଆଲୋକ ମଧ୍ୟରେ ପୃଥିବୀ ଯେପରି ଏକ ନୂଆ ରୂପ ଧାରଣ କରେ। କିନ୍ତୁ ଏହି ଆଲୋକମୟ ଉତ୍ସବ ଆମ ମନରେ ଗୋଟିଏ ଗଭୀର ପ୍ରଶ୍ନ ଜାଗ୍ରତ କରେ ଯେ ବାହାର ଦୁନିଆ ହଜାର ହଜାର ଦୀପରେ ଆଲୋକିତ ହୋଇଗଲେ ମଧ୍ୟ ଯଦି ମଣିଷର ମନ ଅଜ୍ଞାନ, ଘୃଣା ଓ ଅନ୍ୟାୟର ଅନ୍ଧକାରରେ ବୁଡ଼ି ରହେ, ତେବେ ପ୍ରକୃତ ଆଲୋକ ଆସିବ କେଉଁଠୁ ? ଏହି ପ୍ରଶ୍ନ ହିଁ ଦୀପାବଳିର ମହତ୍ତ୍ୱକୁ ଆହୁରି ଗଭୀର କରିଦିଏ। ଦୀପାବଳି କେବଳ ଆଲୋକର ପର୍ବ ନୁହେଁ; ଏହା ଜ୍ଞାନରେ ଅଜ୍ଞାନକୁ, ସତ୍ୟରେ ମିଥ୍ୟାକୁ, ନ୍ୟାୟରେ ଅନ୍ୟାୟକୁ ଏବଂ ପ୍ରେମରେ ଘୃଣାକୁ ପରାସ୍ତ କରିବାର ଚିରନ୍ତନ ଆହ୍ୱାନ।

ଭାରତର ଅନ୍ୟତମ ପ୍ରମୁଖ ପର୍ବ ଦୀପାବଳି ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ଓ ଆସ୍ଥା ସହିତ ପାଳିତ ହୁଏ। ଏହାର ପୌରାଣିକ କାହାଣୀ, ଐତିହାସିକ ପରମ୍ପରା ଓ ଆଧ୍ୟାତ୍ମିକ ଚିନ୍ତାଧାରା ମଧ୍ୟରେ ଲୁଚି ରହିଛି ମଣିଷକୁ ଅଧିକ ଉଦାର, ସଚେତନ ଓ ଦାୟିତ୍ୱବାନ କରିବାର ଅମୂଲ୍ୟ ଶିକ୍ଷା।



ଦୀପାବଳିର ସବୁଠାରୁ ପରିଚିତ ପୌରାଣିକ କାହାଣୀ ରାମାୟଣ ସହ ଜଡ଼ିତ। ଚଉଦ ବର୍ଷର ବନବାସ ଶେଷ କରି, ରାବଣକୁ ପରାସ୍ତ କରିବା ପରେ ପ୍ରଭୁ ଶ୍ରୀରାମ ମାତା ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ଅଯୋଧ୍ୟାକୁ ଫେରିଥିଲେ। ପ୍ରିୟ ରାଜକୁମାରଙ୍କ ଆଗମନରେ ଅଯୋଧ୍ୟାବାସୀ ଆନନ୍ଦରେ ଆତ୍ମହରା ହୋଇଉଠିଥିଲେ। ସେମାନେ ଘରେ ଘରେ ମାଟିଦୀପ ଜାଳି ନଗରୀକୁ ଆଲୋକରେ ସଜାଇଥିଲେ। ଦୀପାବଳି ପୂର୍ବଦିନର ନରକ ଚତୁର୍ଦ୍ଦଶୀ ଭଗବାନ ଶ୍ରୀକୃଷ୍ଣଙ୍କ ନରକାସୁର ବଧ ସହ ଜଡ଼ିତ। ନରକାସୁରର ଅତ୍ୟାଚାରରୁ ଲୋକମାନଙ୍କୁ ମୁକ୍ତ କରିବା ଏବଂ ବନ୍ଦୀ ନାରୀମାନଙ୍କୁ ଉଦ୍ଧାର କରିବାର କାହାଣୀ ଅନ୍ୟାୟ ବିରୋଧରେ ସଂଘର୍ଷ ଓ ସ୍ୱାଧୀନତାର ବାର୍ତ୍ତା ଦିଏ। ଦୀପାବଳିର ଅନ୍ୟ ଏକ ପ୍ରମୁଖ ଆଧ୍ୟାତ୍ମିକ ଆଧାର ହେଉଛନ୍ତି ମା' ଲକ୍ଷ୍ମୀ। ପୌରାଣିକ କାହାଣୀ ଅନୁସାରେ, ସମୁଦ୍ର ମନ୍ଥନ ସମୟରେ ମା' ଲକ୍ଷ୍ମୀଙ୍କ ଆବିର୍ଭାବ ହୋଇଥିଲା। କାର୍ତ୍ତିକ ମାସ ଅମାବାସ୍ୟାରେ ତାଙ୍କର ପୂଜାକୁ ଧନ, ସମୃଦ୍ଧି ଓ ଶୁଭଭାଗ୍ୟର ଆଗମନ ସହ ଯୋଡ଼ାଯାଏ।

ଦୀପାବଳିର ଐତିହାସିକ ଓ ସାମାଜିକ ମହତ୍ତ୍ୱ ମଧ୍ୟ ଅତ୍ୟନ୍ତ ଗଭୀର। ପ୍ରାଚୀନ ଭାରତର କୃଷିଭିତ୍ତିକ ଜୀବନରେ ଏହି ପର୍ବ ଅନେକ ଅଞ୍ଚଳରେ ଖରିଫ ଫସଲ ଋତୁର ସମାପ୍ତି ସହ ଜଡ଼ିତ ଥିଲା। ଚାଷୀମାନେ ନିଜ ପରିଶ୍ରମର ଫଳ ପାଇଁ କୃତଜ୍ଞତା ଜଣାଉଥିଲେ ଏବଂ ଆଗାମୀ ଦିନରେ ଭଲ ଫସଲ ଓ ସମୃଦ୍ଧିର ଆଶା ରଖୁଥିଲେ। ବ୍ୟବସାୟୀମାନେ ହିସାବଖାତା ପୂଜା କରି ନୂତନ ବ୍ୟାବସାୟିକ ବର୍ଷର ଆରମ୍ଭ କରୁଥିଲେ।

ବିଭିନ୍ନ ଧର୍ମୀୟ ପରମ୍ପରାରେ ମଧ୍ୟ ଦୀପାବଳିର ବିଶେଷ ମହତ୍ତ୍ୱ ରହିଛି। ଜୈନ ଧର୍ମାବଲମ୍ବୀମାନେ ଏହି ଦିନକୁ ଭଗବାନ ମହାବୀରଙ୍କ ମୋକ୍ଷପ୍ରାପ୍ତି ଦିବସ ଭାବରେ ପାଳନ କରନ୍ତି। ଶିଖ୍ ?ମାନଙ୍କ ପାଇଁ ଏହି ସମୟରେ ପାଳିତ ବନ୍ଦୀଛୋଡ଼ ଦିବସ ଗୁରୁ ହରଗୋବିନ୍ଦ ସାହିବଙ୍କ ଓ ଅନ୍ୟ ବାଉନ ଜଣ ବନ୍ଦୀ ରାଜାମାନଙ୍କ ଗୋଆଲିୟର୍ ଦୁର୍ଗରୁ ମୁକ୍ତି ସହ ଜଡ଼ିତ। ଭିନ୍ନ ଭିନ୍ନ ମତାବଲମ୍ବୀମାନେ ନିଜ ନିଜ ପରମ୍ପରା ଅନୁସାରେ ଏହି ସମୟକୁ ଆଲୋକ, ମୁକ୍ତି ଓ ନୂତନ ଆଶାର ପ୍ରତୀକ ଭାବରେ ପାଳନ କରନ୍ତି।

ଦୀପାବଳିର ଆଧ୍ୟାତ୍ମିକ ଜଗତରେ ମା' କାଳୀଙ୍କ ଉପାସନା ଏକ ବିଶେଷ ସ୍ଥାନ ଅଧିକାର କରେ। ଓଡ଼ିଶା ସମେତ ପୂର୍ବ ଭାରତର ବିଭିନ୍ନ ଅଞ୍ଚଳରେ କାର୍ତ୍ତିକ ଅମାବାସ୍ୟା ରାତିରେ କାଳୀପୂଜା ପାଳିତ ହୁଏ। ମାର୍କଣ୍ଡେୟ ପୁରାଣର ଅଂଶ ଦେବୀ ମାହାତ୍ମ୍ୟରେ ବର୍ଣ୍ଣିତ ଏକ କାହାଣୀ ଅନୁସାରେ, ରକ୍ତବୀଜ ନାମକ ଏକ ଅସୁର ଅତ୍ୟନ୍ତ ଶକ୍ତିଶାଳୀ ଥିଲା। ତାକୁ ଏପରି ଏକ ବର ମିଳିଥିଲା ଯେ ତା' ଦେହରୁ ରକ୍ତର ଗୋଟିଏ ବିନ୍ଦୁ ମଧ୍ୟ ମାଟିରେ ପଡ଼ିଲେ, ସେହି ବିନ୍ଦୁରୁ ତା' ପରି ଆଉ ଜଣେ ଶକ୍ତିଶାଳୀ ଅସୁର ଜନ୍ମ ନେବ। ଦେବତାମାନେ ତାକୁ ଆକ୍ରମଣ କରିବା ମାତ୍ରେ ତା' ରକ୍ତରୁ ଅସଂଖ୍ୟ ରକ୍ତବୀଜ ସୃଷ୍ଟି ହେବାକୁ ଲାଗିଲେ। ଯେତେ ଯୁଦ୍ଧ କଲେ ମଧ୍ୟ ଅସୁରଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାକୁ ଲାଗିଲା। ଦେବତାମାନେ ଏକ ଅସମ୍ଭବ ପରିସ୍ଥିତିର ସମ୍ମୁଖୀନ ହେଲେ। ଏହି ସଙ୍କଟର ସମାଧାନ ପାଇଁ ମା' ଦୁର୍ଗା ମା' କାଳୀଙ୍କ ଉଗ୍ର ଶକ୍ତିକୁ ଆହ୍ୱାନ କଲେ। କାଳୀ ନିଜର ବିଶାଳ ଜିହ୍ୱା ପ୍ରସାରିତ କରି ରକ୍ତବୀଜର ରକ୍ତ ମାଟିରେ ପଡ଼ିବା ପୂର୍ବରୁ ପାନ କରିବାକୁ ଲାଗିଲେ ଏବଂ ତା'ଠାରୁ ସୃଷ୍ଟି ହୋଇଥିବା ଅସୁରମାନଙ୍କୁ ମଧ୍ୟ ସଂହାର କଲେ। ଏହାଦ୍ୱାରା ରକ୍ତବୀଜର ବଂଶବୃଦ୍ଧିର ମୂଳ ଉତ୍ସ ବନ୍ଦ ହୋଇଗଲା ଏବଂ ଶେଷରେ ସେ ପରାସ୍ତ ହେଲା। ଏହି କାହାଣୀରେ ମା' କାଳୀଙ୍କ ଭୟଙ୍କର ରୂପ ପଛରେ ରହିଛି ଅସାଧାରଣ ବୁଦ୍ଧି, ସାହସ ଓ ସଙ୍କଟର ମୂଳକୁ ଚିହ୍ନିବାର କ୍ଷମତା।

ଭାରତୀୟ ଦର୍ଶନରେ ଶାକ୍ତ ପରମ୍ପରାରେ ଦେବୀ କେବଳ ଅନ୍ୟ କୌଣସି ଦେବତାଙ୍କ ସହାୟକ ଶକ୍ତି ନୁହନ୍ତି; ସେ ନିଜେ ଏକ ପରମ ଦିବ୍ୟ ସତ୍ତା। ଶିବଙ୍କ ସ୍ଥିରତା ଓ ଶକ୍ତିଙ୍କ ସକ୍ରିୟତାର ଧାରଣା ଆମକୁ ବୁଝାଏ ଯେ ଚେତନା ଓ ଶକ୍ତି ପରସ୍ପରଠାରୁ ବିଚ୍ଛିନ୍ନ ନୁହନ୍ତି। ରକ୍ତବୀଜର କାହାଣୀରେ ଯେତେବେଳେ ଦେବତା ଓ ଦିବ୍ୟ ଶକ୍ତିମାନେ ସଙ୍କଟର ସମାଧାନ କରିବାରେ ଅସମର୍ଥ ହେଲେ, ସେତେବେଳେ ଦେବୀଙ୍କ ଶକ୍ତି ହିଁ ନିର୍ଣ୍ଣାୟକ ହେଲା। ଏହା ଏକ ଗଭୀର ପ୍ରତୀକାତ୍ମକ ବାର୍ତ୍ତା ଦିଏ ଯେ ସାହସ, ନେତୃତ୍ୱ, ବୁଦ୍ଧି ଓ ଶକ୍ତି କେବଳ ପୁରୁଷଙ୍କ ଅଧିକାର ନୁହେଁ। ନାରୀ ମଧ୍ୟ ସୃଷ୍ଟି, ସୁରକ୍ଷା, ସଂଘର୍ଷ ଓ ପରିବର୍ତ୍ତନର ଏକ ଅପରିହାର୍ଯ୍ୟ ଶକ୍ତି।


ଆଧୁନିକ ଯୁଗରେ ଦୀପାବଳିର ପ୍ରାସଙ୍ଗିକତା ଆହୁରି ବଢ଼ିଯାଇଛି। ଏହି ଉତ୍ସବ ପାଳନ ସମୟରେ ପରିବେଶ ପ୍ରତି ଆମର ଦାୟିତ୍ୱକୁ ମଧ୍ୟ ଭୁଲିଯିବା ଉଚିତ ନୁହେଁ। ତେଣୁ ମାଟିଦୀପ, ପରିବେଶ ଅନୁକୂଳ ସାଜସଜ୍ଜା, ସଂଯମିତ ଆଲୋକ ଓ ପ୍ରଦୂଷଣ କମାଉଥିବା ଉତ୍ସବ ପାଳନ ପଦ୍ଧତିକୁ ଗୁରୁତ୍ୱ ଦେବା ଆବଶ୍ୟକ।

ଦୀପାବଳିର ବାର୍ତ୍ତା ଭିନ୍ନ ଭିନ୍ନ ସ୍ତରରେ ମଣିଷକୁ ପ୍ରେରଣା ଦିଏ। ହିନ୍ଦୁମାନଙ୍କ ପାଇଁ ଏହା ସତ୍ୟ, ଧର୍ମ, ସଂଯମ, ଦୟା ଓ ଆତ୍ମଶୁଦ୍ଧିର ପଥରେ ଚାଲିବାର ସଂକଳ୍ପ। ସମଗ୍ର ବିଶ୍ୱର ମାନବଜାତି ପାଇଁ "ବସୁଧୈବ କୁଟୁମ୍ବକମ୍" ହେଉଛି ଦୀପାବଳିର ବାର୍ତ୍ତା। ଗୋଟିଏ ଦୀପରୁ ହଜାର ଦୀପ ଜଳିପାରେ, କିନ୍ତୁ ପ୍ରଥମ ଦୀପର ଆଲୋକ କମିଯାଏ ନାହିଁ। ଭବିଷ୍ୟତ ପିଢ଼ି ପାଇଁ ମଧ୍ୟ ଦୀପାବଳି ଏକ ବଡ଼ ଦାୟିତ୍ୱର ବାର୍ତ୍ତା ବହନ କରେ। ପିଲାମାନେ କେବଳ ଏହି ପର୍ବର କାହାଣୀ ଓ ଦୀପ ତଥା ଆତସବାଜୀରେ ଆନନ୍ଦିତ ହେବା ଯଥେଷ୍ଟ ନୁହେଁ; ସେମାନେ ଏହାର ନୈତିକ ଶିକ୍ଷାକୁ ମଧ୍ୟ ନିଜ ଜୀବନରେ ଗ୍ରହଣ କରିବା ଆବଶ୍ୟକ।

ଦୀପାବଳିର ପ୍ରକୃତ ବିଜୟ ସେତେବେଳେ ହେବ, ଯେତେବେଳେ ଜ୍ଞାନର ଆଲୋକ ଅଜ୍ଞାନକୁ ଦୂର କରିବ, ପ୍ରେମ ଘୃଣାକୁ ପରାସ୍ତ କରିବ, ଶକ୍ତି ଅନ୍ୟାୟକୁ ଦମନ କରିବ ଏବଂ ସମୃଦ୍ଧି ସମସ୍ତଙ୍କ ଜୀବନରେ ସୁଖ ଆଣିବ। ଦୀପ ଜାଳିଲେ କେବଳ ଅନ୍ଧକାର ଦୂର ହୁଏ ନାହିଁ; ଏହା ଆମକୁ ନିଜେ ଅନ୍ୟର ଜୀବନକୁ ଆଲୋକିତ କରିବାକୁ ଶିକ୍ଷାଦିଏ। ଯେତେବେଳେ ଏହି ଭାବନା ଆମ ଚିନ୍ତା, ଆଚରଣ, ସମ୍ପର୍କ ଓ ସାମାଜିକ ଜୀବନରେ ପ୍ରତିଫଳିତ ହେବ, ସେତେବେଳେ ଦୀପାବଳି କେବଳ ବର୍ଷକୁ ଥରେ ପାଳିତ ଏକ ପର୍ବ ହୋଇ ରହିବ ନାହିଁ; ଏହା ଆମ ଜୀବନର ଏକ ମହାନ ଆଦର୍ଶରେ ପରିଣତ ହେବ।

♥ ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ
ସୂଚନା ପ୍ରୌଦ୍ୟୋଗିକ ଏବଂ ପ୍ରବନ୍ଧନ ଶିକ୍ଷା ମହାବିଦ୍ୟାଳୟ (ସାଇମ୍)
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ମୋ: ୯୭୭୭୦୧୧୯୬୮

## ଛୋଟ ଗପ



# ଚିରା କନା

**ଶ୍ରୀନିବାସ ସେଠୀ**



ଅଫିସ ପାଇଁ ଘରୁ ବାହାରିଲି ତ ଚିହ୍ନି ପାରୁନଥିଲି ମୋ ଯିବା ଆସିବା ରାସ୍ତା ।

କେତେ ସୁନ୍ଦର ସଜା ହୋଇଛି !

ପୁରା ବଦଳି ଯାଇଥିଲା ରାସ୍ତାର ଦୃଶ୍ୟ । ରାସ୍ତା ଦୁଇ ଧାର ସଜା ହୋଇଛି ଅପୂର୍ବ ଢଙ୍ଗରେ । କଲିକତାରେ ଏଇମିତି ସୁନ୍ଦର ଭାବରେ ସାଜସଜ୍ଜା ମୁଁ କେବଳ ଦୁର୍ଗାପୂଜା ସମୟରେ ଦେଖିବାକୁ ପାଇଥାଏ । ଏ ସାଜସଜ୍ଜା ଅବଶ୍ୟ କିନ୍ତୁ ଟିକିଏ ଅଲଗା ପ୍ରକାରରେ ଥିଲା । ନେସନାଲ ଲାଇବ୍ରେରୀ ଠାରୁ ଆରମ୍ଭ କରି ରେଡ୍ ରୋଡ ପାର ହୋଇ ଇଡେନ୍ ଗାର୍ଡେନ ପର୍ଯ୍ୟନ୍ତ ପୁରା ରାସ୍ତା ଦୁଇ ଧାରରେ ବାଉଁଶ ବନ୍ଧା ଯାଇଛି। ସବୁ ବାଉଁଶକୁ ରଂଗୀନ ନୂଆ ଲୁଗାରେ ପରସ୍ତ ପରସ୍ତ କରି ଏଇମିତି ଗୁଡା ଯାଇଛି ଯେ ବାଉଁଶ ଚିହ୍ନି ହେଉନି ବାହାରକୁ । ପ୍ରତି ଏକ ଏକ ମିଟର ଅନ୍ତରରେ ପତାକା ଫରଫର ହୋଇ ଉଡୁଛି ।

ଟ୍ରକରେ ଲଦା ହୋଇ ନୂଆ କନା ଓ ପତାକା ଆସୁଛି । ଶ୍ରମିକ ଲାଗିଛନ୍ତି । ରାସ୍ତାର ଦୁଇ ଧାରକୁ ଘେରି ନୂଆ କନାରେ ସଜେଇ ଚାଲିଛନ୍ତି ।

ଭିକ୍ଟୋରିଆ ସାମନା ମଇଦାନରେ ଆଜି କେଉଁ ସମ୍ମାନୀୟ ବଡ ନେତାଙ୍କ ଭାଷଣ ଦେବାର ଅଛି ଦିନ ଚାରିଟାରେ । ଯେହେତୁ ସେ କେଉଁ ରାସ୍ତା ଦେଇ ସଭାସ୍ଥଳକୁ ପହଞ୍ଚିବେ କାହାରିକୁ ଜଣାନାହିଁ, ସଭାସ୍ଥଳରୁ ଚାରିପଟକୁ ଚାରି ଚାରି କିଲୋମିଟର ପର୍ଯ୍ୟନ୍ତ ଏଇମିତି ନୂଆ ଲୁଗାରେ ଘେରା ହୋଇଛି ଓ ଶହ ଶହ ପତାକା ଫରଫର ହୋଇ ଉଡୁଛି । ଆକାଶର ରଙ୍ଗ ବଦଳିଛି ।

ଆମ ଦେଶ ବଡ ସୁନ୍ଦର ଲାଗୁଛି ।

ଧେତ୍ !

ରାସ୍ତାର କେତେ ସୁନ୍ଦର ଦୃଶ୍ୟ ଦେଖୁଥିଲି । ପୁରା ସୌନ୍ଦର୍ଯ୍ୟ ବିଗାଡି ଦେଲା ଏ ଅଧା ଲଙ୍ଗୁଳୀ ସ୍ତ୍ରୀ ଲୋକଟି ଆଜି ।

ଠିକ୍ ପିଟିଏସ୍ କୋଣରେ ଭିକାରୁଣିଟିଏ ବସିଛି ।

ପୁରା ଫାଟିଯାଇଛି ପିନ୍ଧା ଲୁଗା । ଏଇମିତି ଫାଟି ଯାଇଛି ଯେ ସେ ଶାଢି ପିନ୍ଧିଛି କି କନା ପିନ୍ଧିଛି ଜଣା ପଡୁନି। ଆଖି ପଶିଯାଇଛି ଭିତରକୁ । ଗୋଟିଏ ନରକଙ୍କାଳ ଶିଶୁଟିଏ ତା ଛାତି ଉପରେ ଝୁଲି ପଡି ହଜିଯାଇଥିବା ଥନକୁ ଖୋଜୁଛି । ଶୁଖିଲା ଥନରେ ଖିର ନ ପାଇ ଶିଶୁଟି ମଝିରେ ମଝିରେ କାନ୍ଦି ଉଠୁଛି । ସାଙ୍କୁଡି ଯାଇଥିବା ସ୍ତନର ବୃନ୍ତର କ୍ଷତଟି ଦେଖା ପଡୁଛି । ବୋଧେ ଭୋକିଲା ଶିଶୁଟି କ୍ଷିର ଖୋଜି ନପାଇ କାମୁଡି ଦେଇଛି ।

ସାମ୍ନାରେ ପତାକା ଫରଫର ଉଡୁଛି ।

ନୂଆ କନାରେ ଗୋଡା ହୋଇଥିବା ଲମ୍ବା ବାଉଁଶ ସବୁ ଗୋଟିଏ ଗୋଟିଏ ସୁନ୍ଦର ପତଳା ରମଣୀ ପରି ଛିଡା ହୋଇ ତାକୁ ଦେଖି ଯେମିତି ଉପହାସ କରୁଛନ୍ତି ।

ଟ୍ରକ୍ ଓ ବସରେ ବୁହା ହୋଇ ଗାଁରୁ ଆସିଛନ୍ତି ବହୁତ ନୂଆ ଯୁବକ, ଯୁବତୀ, ବୁଢା, ବୁଢ଼ୀ । ସେମାନେ ଚିଡିଆଖାନା ଦେଖିବେ । ଭିକ୍ଟୋରିଆ ବୁଲିବେ। ଖିଚିଡି ଖାଇବେ । ଚାରିଶ ଟଙ୍କା ମଧ୍ୟ ପାଇବେ । ତାପରେ ଚାରିଟା ବେଳେ ଭାଷଣ ଶୁଣି ପୁଣି ଘରକୁ ଫେରିଯିବେ ।

ବାଉଁଶରେ କନା ଗୁଡାଉଥିବା କିଛି ଅଲକ୍ଷଣା ଯୁବକ ଭିକାରୁଣି ପାଖରେ ଛିଡ଼ା ହୋଇ ତା ଅଣ୍ଟା ତଳକୁ ଫାଟି ଯାଇଥିବା ଜାଗାକୁ ଅନେଇ କ'ଣ ଖୋଜି ନେଉଛନ୍ତି ଆଉ ହସୁଛନ୍ତି ।

ଏ ଦୃଶ୍ୟ କିନ୍ତୁ ଦେଖି ହେଉନାହିଁ । ମୁଁ ଛିଡ଼ା ହୋଇଗଲି । ଏବେ ନିରୁପାୟ । ତା ଦେହକୁ ଏବେ ଖଣ୍ଡେ କନା ଦରକାର । ବାଉଁଶରୁ ଫିଟାଇଲି ବନ୍ଧା ହୋଇଥିବା ନୂଆ କନା ଖଣ୍ଡେ ଆଉ ତା ଆଡକୁ ବଢାଇ ଦେଇ କହିଲି 'ଏଇ ! ଏଇଟାକୁ ପିନ୍ଧି ପକା।'

ଭିକାରୁଣି ହଠାତ୍ ସେ କନାଟିକୁ ଦୂରକୁ ଫିଙ୍ଗି ଦେଇ ବିଳିବିଳେଇ ହୋଇ ତା ଛୋଟ ଛୁଆକୁ ଧରି ଦୌଡ଼ି ପଳାଇଗଲା। ସେ ଏଇମିତି ଢଙ୍ଗରେ କନାଟିକୁ ଫିଙ୍ଗି ଦେଲା ଯେମିତି ସେଇଟା ନୂଆ କନା ନୁହେଁ ଗୋଟିଏ ବିଷଧର ସାପ।

ସେ ଚାଲୁଥିବା ସମୟରେ ଛୋଟେଇ ଛୋଟେଇ ଚାଲୁଥିଲା।

କନା ଗୁଡାଉଥିବା ଟୋକା ମୋ ଆଡ଼କୁ ଚାହିଁ ବିଦ୍ରୁପ ଭରା ହସ ହସି କହିଲେ,

-'କ'ଣ ହେଲା ବାବୁ? କନାକୁ ନ ପିନ୍ଧି ହାବୁଳି ଖାଇ ପଳାଇ ଗଲା ଯେ? କାଲି ପରା ସେ ନିଜେ ବାଉଁଶରୁ ଖୋଲି ଖଣ୍ଡେ କନା ପିନ୍ଧି ଥିଲା । ତାକୁ ପାର୍ଟି ଲୋକ ଦେଖି ଏଇମିତି ପିଟିଲେ ଯେ ତା ଗୋଡ ଜଖମ ହୋଇ ଯାଇଛି, ଏବେ ଛୋଟେଇ ଚାଲୁଛି। ଏବେ ସେ ଏ ରଂଗର କନାକୁ ମଧ୍ୟ ପ୍ରାଣ ଭୟ କରେ ।

ଯାଅ ବାବୁ । ଆମ କାମ ବଢାଇ ଦେଲେ। ପୁଣି ସେ ଖୋଲା ବାଉଁଶକୁ ବାନ୍ଧିବୁ ଏବେ ।'

-'ହଉ..ହଉ, ତୁମେମାନେ ବାଉଁଶରେ ନୂଆ କନା ପିନ୍ଧାଇ ଦିଅ ।' ଭଲ ଲାଗୁଛି ।

ଏତକ କହି ମୁଁ ଫର୍ ଫର୍ ଉଡୁଥିବା ଜାତୀୟ ପତାକା ଆଡ଼କୁ ଚାହିଁ ଆଗକୁ ଚାଲିଲି ।

♥ ବସନ୍ତପୁର, ଗେଙ୍ଗୁଟି
ବାଲେଶ୍ୱର-୭୫୬୦୫୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୦୮ ନଭେମ୍ବର ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଡିଗ୍ରୀ ଅଛି, ମାତ୍ର ଦକ୍ଷତା ନାହିଁ



## ଶ୍ରୀବତ୍ସ ନାୟକ

ଯେଉଁ ଉଚ୍ଚ ଜନସଂଖ୍ୟା ଭାରତ ପାଇଁ ଦିନେ ଅଭିଶାପ ଥିଲା ସେହି ଉଚ୍ଚ ଜନସଂଖ୍ୟା ଆଜି ଭାରତ ପାଇଁ ବରଦାନ ସଦୃଶ୍ୟ ପ୍ରତୀୟମାନ ହେଉଛି । ମୋଟ ଜନସଂଖ୍ୟାର ପାଖାପାଖି ୩୬ ପ୍ରତିଶତ ଯୁବକମାନଙ୍କ ସହ ଭାରତ ଆଜି ବିଶ୍ୱର ସବୁଠାରୁ ଅଧିକ ଯୁବଶକ୍ତି ସମ୍ପନ୍ନ ଦେଶ ରୂପେ ପରିଗଣିତ ହେଉଛି ।ଯେଉଁ ସମୟରେ ଏସିଆ ମହାଦେଶର ଅନେକ ବିକଶିତ ରାଷ୍ଟ୍ର ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବୟସ୍କ ଜନସଂଖ୍ୟା ଜନିତ ସମସ୍ୟା ଦେଇ ଗତି କରୁଛନ୍ତି ଠିକ୍ ସେହି ସମୟରେ ଭାରତ ପାଖରେ 'ଜନସାଂଖ୍ୟିକ ଲାଭାଂଶ' (ଡେମୋଗ୍ରାଫିକ୍ ଡିଭିଡେଣ୍ଡ)ର ଏକ ସୁବର୍ଣ୍ଣ ସୁଯୋଗ ରହିଛି। କାହିଁକି ନା ଯୁବ ଶକ୍ତି ହେଉଛନ୍ତି ରାଷ୍ଟ୍ର ଶକ୍ତି । ରାଷ୍ଟ୍ରର ପ୍ରଗତି ଓ ଉନ୍ନତି ଯୁବକମାନଙ୍କ ଉପରେ ନିର୍ଭରଶୀଳ । ସେହି ଯୁବଶକ୍ତିକୁ ନେଇ ୨୦୪୭ ମସିହା ବେଳକୁ ବିକଶିତ ହେବାର ସ୍ୱପ୍ନ ଦେଖୁଛି ଭାରତ । ଏହାକୁ ନେଇ ରୋଡ ମ୍ୟାପ ପ୍ରସ୍ତୁତ କରୁଛନ୍ତି କେନ୍ଦ୍ର ସରକାର । କିନ୍ତୁ ଏହି ସବୁ ଭିତରେ ଗତ ସପ୍ତାହରେ ନୀତି ଆୟୋଗ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ,

'ଦେଶରେ ଉଚ୍ଚଶିକ୍ଷିତ ଯୁବକମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ବି ସେମାନଙ୍କ ଅନୁପାତରେ ଉପଯୁକ୍ତ ନିଯୁକ୍ତି ମିଳିପାରୁନାହିଁ। ଶିକ୍ଷା, ଦକ୍ଷତା ଏବଂ ବାସ୍ତବ ବଜାର ଆବଶ୍ୟକତା ମଧ୍ୟରେ ସୃଷ୍ଟି ହୋଇଥିବା ଏହି ବ୍ୟବଧାନ, ଭାରତର ପ୍ରଗତି ପଥରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି'।

ନୀତି ଆୟୋଗଙ୍କ ଆକଳନ ଅନୁସାରେ ଭାରତରେ ପ୍ରାୟ ୮.୭ କୋଟି ଯୁବପିଢ଼ି (୧୫ ରୁ ୨୯ ବର୍ଷ) 'ନିଟ୍' (ନଟ୍ ଇନ୍ ଏଜୁକେସନ,ଏମପ୍ଲୋୟମେଣ୍ଟ ଅର ଟ୍ରେନିଂ) ବର୍ଗରେ ଆସୁଛନ୍ତି।

ଅର୍ଥାତ୍ ଏହି ବିଶାଳ ଯୁବବର୍ଗ ନା କୌଣସି ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ପାଠ ପଢ଼ୁଛନ୍ତି, ନା କୌଣସି ଚାକିରି ବା ବ୍ୟବସାୟରେ ନିୟୋଜିତ ଅଛନ୍ତି, ନା କୌଣସି କୌଶଳ ତାଲିମ ଗ୍ରହଣ କରୁଛନ୍ତି ।ଦେଶରେ ଦିନକୁ ଦିନ ସ୍ନାତକଧାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଯାହା ଦେଶ ପାଇଁ ସଫଳତା ପରିବର୍ତ୍ତେ ସଙ୍କଟର କାରଣ ହେଉଛି ।ନୀତି ଆୟୋଗର ଏହି ସଦ୍ୟତମ ରିପୋର୍ଟ୍ ଦର୍ଶାଉଛି ଯେ ଭାରତରୁ ଉତ୍ତୀର୍ଣ୍ଣ ହେଉଥିବା ଅଧିକାଂଶ ଛାତ୍ରଛାତ୍ରୀମାନଙ୍କଠାରେ ଉପଯୁକ୍ତ ଦକ୍ଷତାର ଅଭାବ ଯୋଗୁଁ ସେମାନେ ଚାକିରୀ ପାଇଁ ଯୋଗ୍ୟ ବିବେଚିତ ନହୋଇ ବେକାର ହୋଇ ରହୁଛନ୍ତି ଫଳସ୍ୱରୂପ ଭାରତର ଜନସାଂଖ୍ୟିକ ଲାଭାଂଶର ଅପଚୟ ଘଟୁଛି । ବର୍ତ୍ତମାନ ଭାରତର ଗ୍ରାଜୁଏଟମାନଙ୍କ ମଧ୍ୟରେ ବେକାରୀ ହାର ୧୩ ପ୍ରତିଶତ ଯାହା ଜାତୀୟ ହାରାହାରି ବେକାରୀ ହାର; ୩.୨ ପ୍ରତିଶତର ଚାରିଗୁଣ ଅଧିକ । ମହିଳାମାନଙ୍କ କ୍ଷେତ୍ରରେ ଏହି ବେକାରୀ ହାର ୨୦.୪ ପ୍ରତିଶତ ।ଏହାଠାରୁ ଆହୁରି ଚିନ୍ତାର ବିଷୟ ହେଉଛି ଏହା ଯେ ଭାରତରେ ମାତ୍ର,୮.୨୫ ପ୍ରତିଶତ ଗ୍ରାଜୁଏଟ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ସହିତ ଜଡ଼ିତ ଚାକିରୀ ପାଉଥାନ୍ତି । ଯେଉଁମାନେ କର୍ମନିଯୁକ୍ତି ପାଉଥାନ୍ତି ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ସଂଖ୍ୟକ ମୌଳିକ କିମ୍ବା ଅର୍ଦ୍ଧ କୁଶଳୀ ବୃତ୍ତିଗୁଡ଼ିକରେ ଜମା ହୋଇ ରହିଛନ୍ତି । ଏହି ତଥ୍ୟ କେବଳ ପର୍ଯ୍ୟାପ୍ତ ସଂଖ୍ୟକ କୁଶଳୀ କର୍ମ ନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳତାକୁ ଉନ୍ମୋଚନ କରୁନାହିଁ ବରଂ ଉଚ୍ଚ ଶିକ୍ଷାରେ ରହିଥିବା ତ୍ରୁଟି ଗୁଡ଼ିକୁ ସମ୍ମୁଖକୁ ଆଣୁଛି । ଯେଉଁ ଡିଗ୍ରୀ ଜୀବିକା ଅର୍ଜନରେ ସାହାଯ୍ୟ କରେ ନାହିଁ କିମ୍ବା ବ୍ୟକ୍ତିର ଦକ୍ଷତା ବୃଦ୍ଧି କରେ ନାହିଁ, ତାହାକୁ ବ୍ୟାବହାରିକ ଭାବେ 'ଅର୍ଥହୀନ ଡିଗ୍ରୀ' କୁହାଯାଏ। ତେଣୁ ବାସ୍ତବରେ ଏହା କୁହାଯାଇପାରେ ଯେ ଭାରତର ଯୁବବର୍ଗ ହାସଲ କରିଥିବା ଡିଗ୍ରୀ ସମ୍ପୂର୍ଣ୍ଣ ଅର୍ଥହୀନ । ଯେଉଁ ଯୁବଶକ୍ତି ଦେଶର ଜାତୀୟ ଆୟ ବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିବା କଥା, ସେମାନଙ୍କର ଏହିପରି ଅକର୍ମଣ୍ୟ ହୋଇ ରହିବା ଦ୍ୱାରା ଦେଶର ପ୍ରଗତିରେ ବାଧା ସୃଷ୍ଟି ହେବା ସହିତ ଭାରତ ସରକାରଙ୍କର ବିକଶିତ ଭାରତର ସ୍ୱପ୍ନ, ସ୍ୱପ୍ନରେ ରହିଯିବା ଭଳି ମନେ ହେଉଛି ।

**ନୀତି ଆୟୋଗଙ୍କ ତଥ୍ୟ ଆମ ପାଇଁ ଏକ ସାବଧାନର ଘଣ୍ଟି। ସରକାର, ଶିକ୍ଷାନୁଷ୍ଠାନ ଏବଂ ସମାଜକୁ ମିଳିମିଶି ଶିକ୍ଷାର ଗୁଣବତ୍ତା ବୃଦ୍ଧି ସହ କୌଶଳ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଡିଗ୍ରୀ ଉପରେ ନୁହେଁ, ଦକ୍ଷତା ଉପରେ ଆଧାରିତ ଶିକ୍ଷା ହିଁ ଭାରତର ଯୁବ ସମ୍ବଳକୁ ପ୍ରକୃତ ସମ୍ପତ୍ତିରେ ରୂପାନ୍ତରିତ କରିପାରିବ।**

ନୀତି ଆୟୋଗଙ୍କ ବିଶ୍ଲେଷଣ ଅନୁସାରେ ଶିକ୍ଷିତ ବେକାରୀ ବୃଦ୍ଧି ପଛରେ ସବୁଠାରୁ ବଡ଼ କାରଣ ହେଉଛି ଆମର ପାରମ୍ପରିକ ଶିକ୍ଷା ପଦ୍ଧତି। ସଦାସର୍ବଦା ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ଯୁଗୋପଯୋଗୀ ଶିକ୍ଷାବ୍ୟବସ୍ଥା ପ୍ରଣୟନ କରିଆସୁଛି ସତ ମାତ୍ର ତାହା ବାସ୍ତବରେ ସେତେଟା ସଫଳ ହେଉନାହିଁ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ବାର୍ଷିକ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ବାହାରୁଛନ୍ତି। କିନ୍ତୁ ସେମାନଙ୍କ ପାଖରେ ଶିଳ୍ପସଂସ୍ଥା ଆବଶ୍ୟକ କରୁଥିବା ଆଧୁନିକ ଦକ୍ଷତା, କମ୍ପ୍ୟୁଟର ସାକ୍ଷରତା, କ୍ରିଟିକାଲ ଥିଙ୍କିଙ୍ଗ୍ ଏବଂ ବ୍ୟାବହାରିକ କୌଶଳ ରହୁନାହିଁ। ଅନେକ ଶିକ୍ଷାନୁଷ୍ଠାନରେ ବ୍ୟବହୃତ ହେଉଥିବା ପାଠ୍ୟକ୍ରମ ଆଜିର ଡିଜିଟାଲ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯୁଗର ଚାହିଦା ସହ ମେଳ ଖାଉନାହିଁ ।ଅନ୍ୟପକ୍ଷରେ ଦେଖିଲେ ଆମ ସମସ୍ତଙ୍କର ମାନସିକତା ଡିଗ୍ରୀ-କେନ୍ଦ୍ରିକ ହୋଇଯାଇଛି ଫଳରେ ସମାଜରେ ଶିକ୍ଷାକୁ କେବଳ ଏକ 'ସାର୍ଟିଫିକେଟ୍' କିମ୍ବା ଡିଗ୍ରୀ ହାସଲ କରିବାର ମାଧ୍ୟମ ଭାବେ ଗ୍ରହଣ କରାଯାଉଛି, କୌଶଳ ଅର୍ଜନ କରିବାର ମାଧ୍ୟମ ଭାବେ ନୁହେଁ। 'ନିଟ୍' ବର୍ଗରେ ଥିବା ୮.୭ କୋଟି ଯୁବକଙ୍କ ମଧ୍ୟରୁ ଏକ ବଡ଼ ଅଂଶ ହେଉଛନ୍ତି ମହିଳା। ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କ ନାମଲେଖା ବୃଦ୍ଧି ପାଇଥିଲେ ବି, ଶିକ୍ଷା ସମାପ୍ତ ପରେ ସେମାନେ ଶ୍ରମଶକ୍ତିରେ ଯୋଗ ଦେଇପାରୁନାହାନ୍ତି । ସାମାଜିକ ପ୍ରତିବନ୍ଧକ, ସୁରକ୍ଷାର ଅଭାବ, ଏବଂ ପରିବାରର ସାଂସାରିକ ଦାୟିତ୍ୱ ଯୋଗୁଁ ଅନେକ ଶିକ୍ଷିତ ମହିଳା ଘରେ ରହିବାକୁ ବାଧ ହେଉଛନ୍ତି। ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ନକରିବା ପର୍ଯ୍ୟନ୍ତ ଏହି ବେକାରୀ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଅସମ୍ଭବ।


ନିୟମିତ ପାଠ୍ୟକ୍ରମକୁ ଯାଂଚ କରିବା, ପ୍ରକାଶିତ ପାଠ୍ୟକ୍ରମ-ସ୍ତରୀୟ ନିଯୁକ୍ତି, କାର୍ଯ୍ୟରେ ଲାଗି ପାରୁଥିବା ଯୋଗ୍ୟମାନଙ୍କ ସହିତ ପାରିଶ୍ରମିକ ପ୍ରଦାନ କରାଯାଉଥିବା ଆପ୍ରେଣ୍ଟିସେସିପ୍ , ସମସ୍ତ ଆବଶ୍ୟକତା ପୂରଣ କରାଯାଇଥିବା ସରକାରୀ ମହାବିଦ୍ୟାଳୟ ସମୂହ, ପ୍ରଶିକ୍ଷିତ ଧନ୍ଦାମୂଳକ ଶିକ୍ଷକ, ମାପ ଯୋଗ୍ୟ କର୍ମନିଯୁକ୍ତି ଫଳାଫଳ ସହିତ ସଂଯୁକ୍ତ ଉଦ୍ୟୋଗ ଭାଗିଦାରୀ ଭଳି କେତେକେ ଅପରିହାର୍ଯ୍ୟ ଭାରତ ବର୍ତ୍ତମାନ ଆବଶ୍ୟକ କରୁଛି । ଏହି ସବୁ ସଂସ୍କାରଗୁଡିକ ଶ୍ରମ-ସାପେକ୍ଷ ନିର୍ମାଣ ଚାକିରୀ ତଥା ଦକ୍ଷତା ଉନ୍ନତିକରଣ ସହିତ ମିଶ୍ରିତ ହୋଇ ରହିବା ଉଚିତ୍। ଭାରତ ତାର ଶିକ୍ଷା ବ୍ୟବସ୍ଥାରେ ସମୟାନୁସାରେ ବ୍ୟାପକ ପରିବର୍ତ୍ତନ ଆଣୁଥିଲେ ମଧ୍ୟ ତାହା ସେତେଟା ଫଳପ୍ରଦ ହେଉନାହିଁ କାହିଁକିନା ଦୀର୍ଘ ବର୍ଷର ଅନ୍ତରରେ ଭାରତରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଥାଏ । ଶିକ୍ଷା ବ୍ୟବସ୍ଥାରେ ସଂସ୍କାରର କଥା ଆସିଲେ ଚୀନକୁ ଉଦାହରଣ ଭାବେ ଆମେ ଦେଖିପାରିବା । ଚୀନ ୨୦୨୧ ରୁ ୨୦୨୫ ମସିହା ମଧ୍ୟରେ ୧୨,୨୦୦ଟି ଅଣ୍ଡର ଗ୍ରାଜୁଏଟ କୋର୍ସକୁ ବନ୍ଦ କରିବା ସହିତ ୧୦,୨୦୦ ଟି ନୂତନ ପାଠ୍ୟକ୍ରମ ସଂଯୋଗ କରିଛି କିନ୍ତୁ ଏ କ୍ଷେତ୍ରରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ । ବିଶ୍ୱବିଦ୍ୟାଳୟଗୁଡ଼ିକ ଶିଳ୍ପସଂସ୍ଥାଗୁଡ଼ିକ ସହିତ ସିଧାସଳଖ ଚୁକ୍ତିବଦ୍ଧ ହୋଇ ବଜାର ଚାହିଦା ଅନୁସାରେ ପାଠ୍ୟକ୍ରମ ନିର୍ଦ୍ଧାରଣ କରିବା, ଇଣ୍ଟର୍ନସିପ୍ କୁ ବାଧ୍ୟତାମୂଳକ କରିବା ଓ ଶିକ୍ଷା ବ୍ୟବସ୍ଥାରେ ଷଷ୍ଠ ଶ୍ରେଣୀରୁ କୌଶଳ-ଭିତ୍ତିକ ଶିକ୍ଷା ସଂଯୁକ୍ତ କରିବାର ଆବଶ୍ୟକତା ରହିଛି । ଏତଦବ୍ୟତୀତ କେବଳ ଚାକିରି ପାଇବାପାଇଁ ଯୁବପିଢିଙ୍କୁ ଯୋଗ୍ୟବିବେଚିତ ନକରି ବରଂ ଚାକିରୀ ସୃଷ୍ଟି କରିବାପାଇଁ ଷ୍ଟାର୍ଟଅପ୍, ଷ୍ଟାଣ୍ଡଅପ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଦରକାର । ମହିଳାମାନଙ୍କ କ୍ଷେତ୍ରରେ ଦେଖିଲେ ସେମାନଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟସ୍ଥଳ,ଫ୍ଲେକ୍ସିବଲ୍ ୱର୍କିଂ ଆୱାର (ସୁବିଧାଜନକ କାର୍ଯ୍ୟ ସମୟ) ଏବଂ ଶିଶୁ ଯତ୍ନ କେନ୍ଦ୍ର ପ୍ରତିଷ୍ଠା କରି ସେମାନଙ୍କୁ କାର୍ଯ୍ୟକ୍ଷେତ୍ରକୁ ଆଣିବା ଉପରେ ମଧ ଗୁରୁତ୍ୱାରୋପ କରିବାର ଆବଶ୍ୟକତା ରହିଛି ।

ନୀତି ଆୟୋଗଙ୍କ ତଥ୍ୟ ଆମ ପାଇଁ ଏକ ସାବଧାନର ଘଣ୍ଟି। ସରକାର, ଶିକ୍ଷାନୁଷ୍ଠାନ ଏବଂ ସମାଜକୁ ମିଳିମିଶି ଶିକ୍ଷାର ଗୁଣବତ୍ତା ବୃଦ୍ଧି ସହ କୌଶଳ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଡିଗ୍ରୀ ଉପରେ ନୁହେଁ, ଦକ୍ଷତା ଉପରେ ଆଧାରିତ ଶିକ୍ଷା ହିଁ ଭାରତର ଯୁବ ସମ୍ବଳକୁ ପ୍ରକୃତ ସମ୍ପତ୍ତିରେ ରୂପାନ୍ତରିତ କରିପାରିବ। ସମୟ ଥାଉଁ ଥାଉଁ ନୀତିଗତ ପରିବର୍ତ୍ତନ ଆଣିବା ନିତାନ୍ତ ଜରୁରୀ ।

❤ ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ
ମୋ: ୯୪୩୮୦୭୦୮୪୯

# ଅନ୍ୟମତ

## ପୂଜା ପତ୍ରିକା ସମୀକ୍ଷା




### ଲେଖାଲେଖି

ସମ୍ପାଦକ :
ପ୍ରଦୀପ୍ତ କୁମାର ବେହୁରା
ଠିକଣା : ଭିଏସ୍ଏସ୍ ନଗର, ଭୁବନେଶ୍ୱର
ପୃଷ୍ଠା-୧୫୪, ମୂଲ୍ୟ-୧୩୫/-

"ପତ୍ରିକାମାନଙ୍କୁ ପ୍ରଚୁର ମାତ୍ରାରେ ବିଜ୍ଞାପନ ବାବଦରେ ଆର୍ଥିକ ସହାୟତା ଯୋଗେଇ ଦେଇ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାକୁ ଆହୁରି ଆଗେଇ ନେବାର ବେଳ ଆସିଛି । ଆମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଆସାମର ରାଜ୍ୟ ସରକାର ଯେଉଁଭଳି ଭାବେ ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ କାମ କରୁଥିବା ଅନୁଷ୍ଠାନ ଓ ପତ୍ରପତ୍ରିକାକୁ ପ୍ରୋତ୍ସାହନ ଦେଉଛନ୍ତି, ସେଥିରୁ ଅନ୍ତତଃ ଶିକ୍ଷାଲାଭ କରି ଆମ ସରକାର ଆଗକୁ ଆସିବା କଥା । ଯେଉଁ ଅନୁଷ୍ଠାନମାନେ ନିରନ୍ତର ଭାବେ ସାହିତ୍ୟସେବା କରିଚାଲିଛନ୍ତି, ସେମାନଙ୍କୁ ଯଦି ସାହାଯ୍ୟ ସହଯୋଗ କରି ଉତ୍ସାହିତ କରାନଯାଏ, ତାହେଲେ ସାହିତ୍ୟ ସଂସ୍କୃତି ବଂଚିବ କେମିତି ? ସାହିତ୍ୟ ସଂସ୍କୃତି ନ ବଂଚିଲେ ସମାଜ ଓ ମଣିଷ ଯେ କେଉଁ ସ୍ତରକୁ ଯିବ ତାହା ସମସ୍ତଙ୍କୁ ଜଣା । ଏ କ୍ଷେତ୍ରରେ ମଧ ଓଡିଆ ଲେଖକମାନେ ସରକାରଙ୍କୁ ପରାମର୍ଶ ଦେଇ ଲେଖାଲେଖି କରିବା ଉଚିତ୍" ବୋଲି 'ସାହିତ୍ୟ ପତ୍ରିକା ଓ ସରକାରୀ ସହାୟତା" ଶୀର୍ଷକରେ ସୁଚିନ୍ତିତ ବକ୍ତବ୍ୟ ରଖିଛନ୍ତି ଲେଖାଲେଖିର ସମ୍ପାଦକ ପ୍ରଦୀପ୍ତ ବେଉରିଆ, ଯାହା ଅତ୍ୟନ୍ତ ଉପାଦେୟ ।

ଶାରଦୀୟ ବିଶେଷାଙ୍କ-୨୦୨୬ 'ଲେଖାଲେଖି' ପୂଜା ଅବକାଶରେ ନିର୍ଧାର୍ଯ୍ୟ ସମୟରେ ପ୍ରକାଶ ପାଇଥିବା ବେଳେ ପତ୍ରିକାର ଆରମ୍ଭରେ ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ବିଶ୍ୱରଂଜନ, ରାଜୀବ ପାଣି, ଉମାକାନ୍ତ ରାଉତ (ଅରୂପ), ବିନୋଦ, ସଂଘମିତ୍ରା ମିଶ୍ରଙ୍କ ଫିଚର ପ୍ରକାଶ ପାଇଥିବା ବେଳେ 'ଗୀତ ପଛର ଗପ' କ୍ରମରେ ପଗ୍ ଘୁଂଗୁର ବାନ୍ଧ୍ ମୀରା ନିଚିଥି, କସମେଁ ୱାଦେଁ ପ୍ୟାର୍ ବଫା ସବ୍, ଆଜ୍ ଫିର୍ ଜିନେକି ତମନ୍ନା ହୈ, ଯମା ଯମା, ଏ ଖୁବ୍‌ସୁରତ ସମା, ରୋତେରୋତେ ହସନା ଶିଖୋ ପ୍ରକାଶ ପାଇଛି । ଏଥିରେ 'ନିବାସ: ନିବାସୀ' କ୍ରମରେ ଅର୍ଚ୍ଚନା ନାୟକ ଓ ଝୁମ୍‌ଝୁମ୍ ନାୟକଙ୍କ ଘରର ନାଁକୁ ନେଇ ସେମାନେ ଲେଖିଥିବା ବେଶ୍ ରୋଚକ ଆଲେଖ୍ୟ ପ୍ରକାଶ ପାଇଛି । ବେଲାଳସେନଙ୍କ କିଛି ଶୁଣାକଥା, ରବୀନ୍ଦ୍ର କୁମାର ନାୟକଙ୍କ ବିଶ୍ୱସାହିତ୍ୟ କ୍ରମରେ ଦସ୍ତଏଭେସ୍କିଙ୍କ ଆଲୋଚନା, ସଂଘମିତ୍ରା ରାଏଗୁରୁଙ୍କ 'ଆଧୁନିକ ଯୁଗର ମୀରା : ମହାଦେବୀ ବର୍ମା' ଲେଖା ବେଶ୍ ଉପାଦେୟ । ପ୍ରାନ୍ତୀୟ ସାହିତ୍ୟ କ୍ରମରେ କବି ଦୀନକୃଷ୍ଣ ଦାସଙ୍କ ଉପରେ ରବୀନ୍ଦ୍ର ବିହାରୀଙ୍କ ଲେଖା ପ୍ରକାଶ ପାଇଥିବା ବେଳେ ଗଳ୍ପ ବିଭାଗରେ ସୀତେଶ ତ୍ରିପାଠୀ, ଜୟନ୍ତୀ ରଥ, ସହଦେବ ସାହୁ, କାଶୀନାଥ ନନ୍ଦୀ, ଜୀବନକୃଷ୍ଣ ମହାପାତ୍ର, ସ୍ମୃତି ପଟ୍ଟନାୟକ, ସୁଜାତା ମହାପାତ୍ର, ବୈଜୟନ୍ତୀ ମିଶ୍ର, କମଳିନୀ ମଲ୍ଲିକ, ଶ୍ରୀକାନ୍ତ ଦାସ, ମିନତୀ ପଟ୍ଟନାୟକ, ସଂଯୁକ୍ତା ମହାନ୍ତିଙ୍କ ଉପନ୍ୟାସ, ସହିତ ଚାରୋଟି ଅନୁବାଦ ଗଳ୍ପ, ଭ୍ରମଣକାହାଣୀ, ବହିକଥା, କବିତା କ୍ରମରେ ଭଗବାନ ଜୟସିଂହ, ଅମରେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ, ସଦାଶିବ ଦାଶ, ଅଭୟ ନାୟକ, ସୁଚେତା ମିଶ୍ର କମଳାକାନ୍ତ ପଣ୍ଡା (କଳ୍ପକାନ୍ତ), ନୀଳାଦ୍ରିଭୂଷଣ ହରିଚନ୍ଦନ, ବୀଣାପାଣି ପଣ୍ଡା, ମନୋରଂଜନ ମହାନ୍ତି, ମାନସ ରଂଜନ ମହାପାତ୍ର, ଶୈଳବାଳା ମହାପାତ୍ର, ସୁସ୍ମିତା ମହାପାତ୍ର, ସଚ୍ଚିଦାନନ୍ଦ ମିଶ୍ର, ସୁନନ୍ଦା ମିଶ୍ର, ମାୟାଧର ମହାପାତ୍ରଙ୍କ କବିତା ପ୍ରକାଶ ପାଇଛି । ଗୀତିକବିତାରେ ଲିଙ୍ଗରାଜ ରଥ, ବିଜ୍ଞାନ ମହାନ୍ତି, ପୀୟୂଷ ପଟ୍ଟନାୟକ, ବଂଶୀଧର ସେଠୀ ପ୍ରମୁଖଙ୍କ କବିତା ବେଶ୍ ମନଛୁଆଁ ।

ନିୟମିତ ପ୍ରକାଶ ପାଉଥିବା 'ଲେଖାଲେଖି'ର ଶାରଦୀୟ ବିଶେଷାଙ୍କଟି ସବୁ ସଂଖ୍ୟା ପରି ବେଶ୍ ସର୍ବାଙ୍ଗ ସୁନ୍ଦର ଓ ଆକର୍ଷଣୀୟ ହୋଇଛି। ଏହା ନିଶ୍ଚିତ ପାଠକୀୟ ଆଦୃତି ଲାଭ କରିବ ବୋଲି ଦୃଢ଼ ବିଶ୍ୱାସ । ❤



### ପରାଗ

ସମ୍ପାଦକ :
ବନମାଳୀ ସେନାପତି
ଠିକଣା : ପରାଗ ସାହିତ୍ୟ ସଂସଦ
ଆଳି, କେନ୍ଦ୍ରାପଡା- ୭୫୪୨୧୯
ପୃଷ୍ଠା-୪୬୦, ମୂଲ୍ୟ-୨୫୦/-

ଜୀବନବୋଧ, ଚେତନା ଓ ସାହିତ୍ୟର ମୁଖପତ୍ର 'ପରାଗ' ସାହିତ୍ୟ ପତ୍ରିକାର ଶାରଦୀୟ ବିଶେଷାଙ୍କ -୨୦୨୬, ୪୪ ବର୍ଷ ଦ୍ୱିତୀୟ ସଂଖ୍ୟା ବେଶ୍ ସୁନ୍ଦର କଳେବରରେ ପ୍ରକାଶ ପାଇଛି । ଏହାର ମୁଖ୍ୟ ସମ୍ପାଦକ ଅଧ୍ୟାପକ ରମେଶ ପଣ୍ଡା, ପରିଚାଳନା ସମ୍ପାଦକ ଅଶୋକ ବିଶ୍ୱାଳ, ଡ. ଦୀପିକା ସେନାପତି ଓ ଶିବପ୍ରସାଦ ସାହୁ ଥିବାବେଳେ ସମ୍ପାଦନା ମଣ୍ଡଳୀରେ ଇଂ. ନିଳାଦ୍ରୀ ଭୂଷଣ ମହାପାତ୍ର, ଦେବେନ୍ଦ୍ର ପଣ୍ଡା, ସୁରେନ୍ଦ୍ର ସାହୁ ରହିଛନ୍ତି । ପତ୍ରିକାଟିକୁ ସମ୍ପାଦନା କରିଛନ୍ତି ବିଶିଷ୍ଟ ଲେଖକ ବନମାଳୀ ସେନାପତି ।

ସମ୍ପାଦକୀୟରେ ଦୁଇଜଣ ଦିବଂଗତ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଛନ୍ତି ସମ୍ପାଦକ । ଏହି କ୍ରମରେ ଦୋଳଗୋବିନ୍ଦ ସେନାପତି ଓ ଅଧ୍ୟାପକ ଅତୁଲ ବଳଙ୍କୁ ପରାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

ଏଥିରେ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ନିବାରଣ ଜେନା, ଚନ୍ଦ୍ରମୋହନ ମହାପାତ୍ର, ଅଜୟ ମହାପାତ୍ର, ଅମୀୟ ବେଜ୍, ପ୍ରଦୀପ ନାୟକ, ଗୋପାଳକୃଷ୍ଣ ଆଚାର୍ଯ୍ୟ, କମଳିନୀ ମଲ୍ଲିକ, ବିରଜା ରାଉତରାୟ, ରାଜୀବ ଲୋଚନ ସ୍ୱାଇଁ, ସଚ୍ଚିଦାନନ୍ଦ କର, ସୁବ୍ରତା ପ୍ରିୟଦର୍ଶିନୀ ବେହେରା, ସୀମାଞ୍ଚଳ ଦାଶ, ତନ୍ମୟୀ ପଣ୍ଡା, ଭାସ୍କର ଜେନା, ତ୍ରିନାଥ ପଟ୍ଟନାୟକ, ବିଭୂ ହୋତା, ସସ୍ମିତା ରାଉତ, ବିପ୍ଲବ ରଂଜନ ପତି, ଶୁଭେନ୍ଦୁ ମହାପାତ୍ର, ରଘୁନାଥ ଶତପଥୀ, ଜ୍ୟୋତିର୍ମୟୀ ପରିଡା ପ୍ରମୁଖଙ୍କ ଗଳ୍ପ ପ୍ରକାଶ ପାଇଥିବା ବେଳେ ଅନୁବାଦରେ ବିଜୟ ପ୍ରଧାନ, ଡ. ଦୀପିକା ସେନାପତିଙ୍କ ଅନୁବାଦ ଗଳ୍ପ ପ୍ରକାଶ ପାଇଛି। ସୈରିନ୍ଧ୍ରୀ ସାହୁଙ୍କ 'ମୋ ଜୀବନ ମୋ ସାହିତ୍ୟ' ଶୀର୍ଷକରେ ଆତ୍ମକଥନ ଶୈଳୀର ଲେଖାଟିଏ ପ୍ରକାଶ ପାଇଥିଲା ବେଳେ ଡ. ଶତ୍ରୁଘ୍ନ ପାଣ୍ଡବ, ନକୁଳ ଚନ୍ଦ୍ର ସାହୁ, ସୁବ୍ରତ କୁମାର ଦାସ, ବିଭୂତି ଭୂଷଣ ସେନାପତି, ଡ. ରାଧାରଂଜନ ପଟ୍ଟନାୟକ, ଡ. ହରିପ୍ରିୟା ସେଠୀ, ପତିତପାବନ ଗିରିଙ୍କ ପ୍ରବନ୍ଧ ପ୍ରକାଶ ପାଇଛି। ଫିଚର କ୍ରମରେ ବିନୋଦଙ୍କ ଖଲିଲ୍ ଜିବ୍ରାନ: ମାନବର ନୂଆ ସ୍ୱାକ୍ଷର ଶୀର୍ଷକରେ ଏକ ଚମତ୍କାର ଆଲେଖ୍ୟ ଏଥିରେ ପ୍ରକାଶିତ। ରାଧାଶ୍ୟାମ ରାଉଳଙ୍କ ରମ୍ୟ କଥା ସହ କବିତାରେ ସୌଭାଗ୍ୟବନ୍ତ ମହାରଣା, କମଳ କୁମାର ମହାନ୍ତି, ବୈକୁଣ୍ଠ ନାଥ ସାହୁ, ରତ୍ନାକର ରାଉତ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଦେବାଶିଷ ଚକ୍ରବର୍ତ୍ତୀ, ରବି ଶତପଥୀ, ପିନାକୀ ମିଶ୍ର, ପିତାମ୍ବର ତରାଇ, ଖଗେଶ୍ୱର ମହତାବ, ଡ. ଶ୍ରୀଧର ସାମଲ, ଶିଶିର ନାୟକ, ଶ୍ରୀହରି ଧଳ, ଡ. କମଳାକୃଷ୍ଣ ତ୍ରିପାଠୀ, ଚକ୍ରପାଣି ପରିଚ୍ଛା, ଉମାକାନ୍ତ ରାଉତ (ଅରୂପ), ନୀଳାମ୍ବର ପଣ୍ଡା, ଅକ୍ଷୟ ପାତ୍ର, ଖଗେଶ୍ୱର ମହାନ୍ତି, ଅନ୍ନପୂର୍ଣ୍ଣ ମହାନ୍ତି, ନୃସିଂହ ତରାଇ, ରାଜୀବ ପାଣି, ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ଅବନୀ ପ୍ରଧାନ, ଦେବେନ୍ଦ୍ର ବାଉରୀ, ଫଣୀନ୍ଦ୍ର ଭୂଷଣ ନନ୍ଦ, ପ୍ରତିଭା ଖିଲାର, ସୁଧୀର ମେହେର, ଭଗବାନ ସାହୁ, ପୀୟୂଷ ପଟ୍ଟନାୟକ, କିଶୋର ମିଶ୍ର, ପୁଷ୍ପାଂଜଳି ପଣ୍ଡା, ଘନଶ୍ୟାମ ମେହେର, ସୁରେନ୍ଦ୍ର ପାଣିଗ୍ରାହୀ, ଗୋଲାପ ରାଉତ, ସ୍ନିଗ୍ଧା ସାମନ୍ତରାୟ, କ୍ଷମାନିଧି ଭୋଇ, ସୁଶ୍ରୀ ପ୍ରୀତିଲତା ପଣ୍ଡା ପ୍ରମୁଖଙ୍କ ବହୁ ମନୋଜ୍ଞ କବିତା ସହ ନନ୍ଦକିଶୋର ସିଂ, ବାବାଜୀ ଚରଣ ଜେନା, ମନୋଜ ପଟ୍ଟନାୟକ, ବିପିନ୍ ମହାନ୍ତି, ସୁରଂଜନ ପାତ୍ର, କଲ୍ୟାଣୀ ନନ୍ଦ ପ୍ରମୁଖଙ୍କ ଗୀତିକବିତା ସ୍ଥାନ ପାଇଛି। ସମ୍ପାଦକ ବନମାଳୀ ସେନାପତିଙ୍କ ଦ୍ୱାରା କରାଯାଇଥିବା ପୁସ୍ତକ ସମୀକ୍ଷା 'ପରାଗ' ପୂଜାସଂଖ୍ୟାର ଏକ ନିଆରା ଆକର୍ଷଣ। ସବୁଥର ପରି ପରିଚ୍ଛନ୍ନ ପରିପାଟୀ, ସୁନିର୍ବାଚିତ ଲେଖାକୁ ନେଇ ସମୃଦ୍ଧ ହୋଇଛି 'ପରାଗ', ଯାହା ପାଠକୀୟତା ହାସଲ କରିବାରେ ବେଶ୍ ସଫଳ । ❤


ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଗ୍ରନ୍ଥ ସମୀକ୍ଷା



# ଅନନ୍ୟା ଅତୁଳନୀୟା : ଅଶୀ ନାରୀଙ୍କ ଜୀବନ ସଂଘର୍ଷ ଓ ପ୍ରେରଣାର ଅମୂଲ୍ୟ ଆଖ୍ୟାନ

ସଂଗ୍ରାହକ : ଶ୍ରୀ ପ୍ରଦୀପ କୁମାର ରାୟ
ପ୍ରକାଶକ : ଟାଇମ୍‌ପାସ୍
ପ୍ରଥମ ପ୍ରକାଶ : ୨୦୨୬
ପୃଷ୍ଠା ସଂଖ୍ୟା : ୩୩୨
ମୂଲ୍ୟ : ୩୯୫ ଟଙ୍କା ମାତ୍ର



ସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ; ଏହା ମଣିଷକୁ ଚିନ୍ତା କରିବାକୁ ଶିଖାଏ, ସମାଜକୁ ପ୍ରଶ୍ନ କରିବାର ସାହସ ଦିଏ ଏବଂ ଜୀବନର ସଂଘର୍ଷପଥରେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଏ। ବିଶେଷକରି, ଯେତେବେଳେ ସାହିତ୍ୟର ପୃଷ୍ଠାରେ ସ୍ଥାନ ପାଏ ଅବହେଳା, ଅତ୍ୟାଚାର, ଅଭାବ ଓ ସାମାଜିକ ପ୍ରତିବନ୍ଧକକୁ ଅତିକ୍ରମ କରି ନିଜର ପରିଚୟ ସୃଷ୍ଟି କରିଥିବା ନାରୀମାନଙ୍କ ଜୀବନକଥା, ସେତେବେଳେ ତାହା କେବଳ ଜୀବନୀ ହୋଇ ରହେନାହିଁ; ପାଲଟିଯାଏ ଆତ୍ମବିଶ୍ୱାସ ଓ ଆତ୍ମଜାଗରଣର ଏକ ଶକ୍ତିଶାଳୀ ମାଧ୍ୟମ।

କବି, ଲେଖକ ତଥା ଅନୁବାଦକ ଶ୍ରୀଯୁକ୍ତ ପ୍ରଦୀପ କୁମାର ରାୟଙ୍କ ଦ୍ୱାରା ସଂଗୃହୀତ ଫିଚର୍ ପୁସ୍ତକ 'ଅନନ୍ୟା ଅତୁଳନୀୟା' ଏହି ଦୃଷ୍ଟିରୁ ଏକ ଉଲ୍ଲେଖନୀୟ ସଂକଳନ। ବିଶ୍ୱର ବିଭିନ୍ନ ଦେଶ ଓ ସମାଜର ଅଶୀଜଣ ମହାନ ନାରୀଙ୍କ ଜୀବନସଂଘର୍ଷ, ତ୍ୟାଗ, ସାହସ ଓ ସଫଳତାକୁ ଏକାଠି କରି ଲେଖକ ପାଠକଙ୍କ ସମ୍ମୁଖରେ ଏକ ବିଶାଳ ପ୍ରେରଣାର ଦୁନିଆ ଖୋଲି ଦେଇଛନ୍ତି। ଏହି ପୁସ୍ତକର ବିଶେଷତ୍ୱ ହେଉଛି, ଏଥିରେ ନାରୀମାନଙ୍କ ସଫଳତାର ଚମତ୍କୃତ କଳାଭଳି ଚିତ୍ର ସହିତ ସେହି ସଫଳତା ପଛରେ ଥିବା ଅସହ୍ୟ ଯନ୍ତ୍ରଣା, ଅଦମ୍ୟ ଇଚ୍ଛାଶକ୍ତି ଓ ଅନେକ ଅକୁହା ସଂଘର୍ଷର କାହାଣୀ ମଧ୍ୟ ପ୍ରତିଫଳିତ ହୋଇଛି।

ଇତିହାସର ପୃଷ୍ଠାରେ ଅନେକ ନାରୀଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲେଖାଯାଇଛି। କିନ୍ତୁ ସେମାନଙ୍କ ଜୀବନର ଅନ୍ତରାଳରେ ଥିବା ଦୁଃଖ, ଅପମାନ, ସାମାଜିକ ଅବହେଳା ଓ ଆତ୍ମପ୍ରତିଷ୍ଠା ପାଇଁ ଲଢ଼େଇ ସମ୍ପର୍କରେ ଆମେ କେତେ ଜାଣୁ ? ଏହି ପ୍ରଶ୍ନର ଉତ୍ତର ଖୋଜିବାର ଏକ ସାର୍ଥକ ପ୍ରୟାସ ହେଉଛି 'ଅନନ୍ୟା ଅତୁଳନୀୟା'। ପୁସ୍ତକରେ ସ୍ଥାନ ପାଇଥିବା ନାରୀମାନେ ଭିନ୍ନ ଭିନ୍ନ ଦେଶ, ସମାଜ ଓ ସମୟର ପ୍ରତିନିଧି। ସେମାନଙ୍କ ଜୀବନର ପରିସ୍ଥିତି ଭିନ୍ନ ହେଲେ ମଧ ସଂଘର୍ଷର ମୂଳ ସ୍ୱର ଅନେକ କ୍ଷେତ୍ରରେ ଏକ; ଅନ୍ୟାୟ ବିରୋଧରେ ପ୍ରତିବାଦ, ନିଜର ଅସ୍ତିତ୍ୱ ପାଇଁ ଲଢ଼େଇ ଏବଂ ମାନବୀୟ ମର୍ଯ୍ୟାଦାର ସୁରକ୍ଷା।

ଏହି ସଂକଳନରେ ଆନାର୍କା ୱେଷ୍ଟକୋଟ୍‌ଙ୍କ ଜୀବନକଥା ଆମକୁ ଚିନ୍ତା କରିବାକୁ ବାଧ କରେ। ଚିକିତ୍ସାବିଜ୍ଞାନର ଇତିହାସରେ ନାରୀଙ୍କ ଶରୀରକୁ କିପରି ଗବେଷଣାର ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଇଥିଲା, ତାହାର ଏକ ମର୍ମସ୍ପର୍ଶୀ ଦିଗ ଏହି କାହାଣୀରେ ପ୍ରତିଫଳିତ। ଜଣେ ନାରୀର ଯନ୍ତ୍ରଣା ଉପରେ ଅନ୍ୟମାନଙ୍କ ସଫଳତାର ଇତିହାସ ନିର୍ମାଣ ହେବାର ବିଡ଼ମ୍ବନା ଆମକୁ ବିଜ୍ଞାନର ଅଗ୍ରଗତି ସହିତ ନୈତିକତା ଓ ମାନବିକତାର ଆବଶ୍ୟକତା ମଧ ମନେ ପକାଇଦିଏ। ସେହିପରି କେରଳର ନଙ୍ଗେଲିଙ୍କ କାହାଣୀ ସାମାଜିକ ଅସମାନତା ଓ ନାରୀ ଶରୀର ଉପରେ ଥୋପି ଦିଆଯାଇଥିବା ଅନ୍ୟାୟପୂର୍ଣ୍ଣ ନିୟନ୍ତ୍ରଣ ବିରୋଧରେ ପ୍ରତିବାଦର ପ୍ରତୀକ। ପ୍ରଚଳିତ ବ୍ୟବସ୍ଥାକୁ ନିରବରେ ସହିନେବା ପରିବର୍ତ୍ତେ ତାହାକୁ ପ୍ରଶ୍ନ କରିବାର ସାହସ ତାଙ୍କ କାହାଣୀକୁ ଏକ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛି। ଏହା ଆମକୁ ବୁଝାଏ ଯେ, ସାମାଜିକ ପରିବର୍ତ୍ତନର ମୂଳରେ ଅନେକ ସମୟରେ ଥାଏ ଜଣେ ସାଧାରଣ ମଣିଷର ଅସାଧାରଣ ପ୍ରତିବାଦ।

ଏହି ପୁସ୍ତକର ଅନ୍ୟତମ ଆକର୍ଷଣ ହେଉଛି, ଏଥିରେ କେବଳ ପରିଚିତ ନାରୀ ବ୍ୟକ୍ତିତ୍ୱଙ୍କ କଥା ନୁହେଁ, ବରଂ ଇତିହାସର ଆଢୁଆଳରେ ରହିଯାଇଥିବା ଅନେକ ନାରୀଙ୍କ ଜୀବନସଂଘର୍ଷ ମଧ ସ୍ଥାନ ପାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସହ ଜଡ଼ିତ ନୀରା ଆର୍ଯ୍ୟଙ୍କ ତ୍ୟାଗ ଓ ସଂଘର୍ଷ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପତ୍ନୀ ବାସନ୍ତୀ ଦେବୀଙ୍କ ଦେଶପ୍ରେମ ଏବଂ ସମାଜସେବାରେ ସମର୍ପିତ ଜୀବନ ଆମକୁ ସ୍ମରଣ କରାଏ ଯେ, ସ୍ୱାଧୀନତା ଆନ୍ଦୋଳନର ଇତିହାସ କେବଳ ପୁରୁଷ ନେତୃତ୍ୱର ଇତିହାସ ନୁହେଁ। ଏହାର ଅନ୍ତରାଳରେ ନାରୀମାନଙ୍କ ତ୍ୟାଗ, ସାହସ ଓ ଅବଦାନ ମଧ ରହିଛି। ସେହିପରି ଭୁବନେଶ୍ୱରୀ ଦେବୀଙ୍କ ଜୀବନର ଦୁଃଖଦୁର୍ଦ୍ଦଶା ମାଧ୍ୟମରେ ଜଣେ ମହାନ ବ୍ୟକ୍ତିତ୍ୱଙ୍କ ପଛରେ ଥିବା ମାତୃଜୀବନର ଅକୁହା ଅଧ୍ୟାୟକୁ ଅନୁଭବ କରିବାର ସୁଯୋଗ ମିଳେ। ମାଆ ସିନ୍ଧୁତାଇ ସପକାଳଙ୍କ ଜୀବନକାହାଣୀ ମାତୃତ୍ୱର ପରିସରକୁ ଆହୁରି ବ୍ୟାପକ କରିଦିଏ। ମାତୃତ୍ୱ କେବଳ ଜୈବିକ ସମ୍ପର୍କରେ ସୀମିତ ନୁହେଁ; ଅନାଥ ଓ ଅସହାୟ ଶିଶୁମାନଙ୍କୁ ସ୍ନେହ, ସୁରକ୍ଷା ଓ ଆଶ୍ରୟ ଦେବା ମଧ ମାତୃତ୍ୱର ଏକ ମହନୀୟ ରୂପ। ତାଙ୍କ ଜୀବନ ଆମକୁ ଶିଖାଏ ଯେ, ବ୍ୟକ୍ତିଗତ ଦୁଃଖକୁ ମାନବସେବାର ଶକ୍ତିରେ ପରିଣତ କରାଯାଇପାରେ।

ଏହି ସଂକଳନରେ ସାବିତ୍ରୀବାଇ ଫୁଲେଙ୍କ ଶିକ୍ଷା ଓ ସାମାଜିକ ସଂସ୍କାର ପାଇଁ ସଂଘର୍ଷ, ଆଶାପୂର୍ଣ୍ଣା ଦେବୀଙ୍କ ସାହିତ୍ୟ ସାଧନା, ବେବୀ ହାଲଦାରଙ୍କ ଜୀବନାନୁଭୂତି, ଆନ୍ନେ ଫ୍ରାଙ୍କଙ୍କ ଡାଏରୀରେ ପ୍ରତିଫଳିତ ମାନବୀୟ ଆଶା ଏବଂ ପଲକ ମୁଚ୍ଛାଲଙ୍କ ମାନବସେବା ଭଳି ଭିନ୍ନ ଭିନ୍ନ ଦିଗ ନାରୀଜୀବନର ବହୁମୁଖୀ ପରିଚୟକୁ ଉଜାଗର କରେ। ଏହି ଚରିତ୍ରଗୁଡ଼ିକ ମାଧ୍ୟମରେ ପାଠକ ବୁଝିପାରନ୍ତି ଯେ, ମହାନତାର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପରିଭାଷା ନାହିଁ। ଶିକ୍ଷା, ସାହିତ୍ୟ, ଦେଶପ୍ରେମ, ସମାଜସେବା, ମାନବାଧିକାର ଓ ଅନ୍ୟାୟ ବିରୋଧୀ ସଂଘର୍ଷ; ପ୍ରତ୍ୟେକ କ୍ଷେତ୍ରରେ ଜଣେ ନାରୀ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିପାରନ୍ତି।

'ଅନନ୍ୟା ଅତୁଳନୀୟା'ର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଏହା ନାରୀଙ୍କ ସଂଘର୍ଷକୁ କେବଳ ବ୍ୟକ୍ତିଗତ ଦୁଃଖର କାହାଣୀ ଭାବେ ଉପସ୍ଥାପନ କରେନାହିଁ; ବରଂ ସେହି ଦୁଃଖ ପଛରେ ଥିବା ସାମାଜିକ ଓ ମାନସିକ ସଂରଚନାକୁ ନେଇ ଆମକୁ ଚିନ୍ତା କରିବାର ଅବକାଶ ଦିଏ। ଯେତେବେଳେ ଜଣେ ନାରୀ ନିଜର ପୋଷାକ ପିନ୍ଧିବାର ସ୍ୱାଧୀନତା, ଶିକ୍ଷା ଅଧିକାର, ଶରୀର ଉପରେ ନିଜର ନିଷ୍ପତ୍ତି ନେବାର ଅଧିକାର କିମ୍ବା ସମାନ ମଣିଷ ଭାବରେ ବଞ୍ଚିବାର ସୁଯୋଗ ପାଇଁ ଲଢ଼େଇ କରନ୍ତି, ସେତେବେଳେ ସେହି ସଂଘର୍ଷ କେବଳ ତାଙ୍କର ବ୍ୟକ୍ତିଗତ ଲଢ଼େଇ ହୋଇ ରହେ ନାହିଁ। ତାହା ସମାଜର ନ୍ୟାୟବୋଧ, ମାନବିକତା ଓ ସମାନତାର ମୂଲ୍ୟବୋଧକୁ ମଧ ପରୀକ୍ଷା କରେ। ଆଜି ମଧ ନାରୀଶିକ୍ଷା, ସମାନ ଅଧିକାର, ଘରୋଇ ହିଂସା, ସାମାଜିକ ଭେଦଭାବ ଓ ଆତ୍ମନିର୍ଭରଶୀଳତା ଭଳି ପ୍ରଶ୍ନଗୁଡ଼ିକ ସମାଜ ସମ୍ମୁଖରେ ରହିଛି। ଏପରି ସମୟରେ ଏହି ଜୀବନ କାହାଣୀଗୁଡ଼ିକ ଅତୀତର ସ୍ମୃତି ମାତ୍ର ନୁହେଁ, ବରଂ ବର୍ତ୍ତମାନକୁ ବୁଝିବା ଓ ଭବିଷ୍ୟତକୁ ଅଧିକ ମାନବୀୟ କରିବାର ଏକ ଉପାଦାନ।

ଏକାଧିକ ଦେଶ, ଭାଷା ଓ ସାମାଜିକ ପରିବେଶର ନାରୀଙ୍କ ଜୀବନକଥାକୁ ଏକାଠି କରିବା ନିଶ୍ଚୟ ଏକ ଶ୍ରମସାଧ୍ୟ କାର୍ଯ୍ୟ। ଏଥିପାଇଁ କେବଳ ତଥ୍ୟ ସଂଗ୍ରହ କରିବା ଯଥେଷ୍ଟ ନୁହେଁ; ପ୍ରତ୍ୟେକ ଜୀବନର ମୂଳ ସ୍ୱର, ଭାବନା ଓ ସଂଘର୍ଷକୁ ବୁଝି ପାଠକଙ୍କ ନିକଟରେ ତାହାକୁ ଉପସ୍ଥାପନ କରିବାର ଦକ୍ଷତା ମଧ ଆବଶ୍ୟକ। ଏହି ଦୃଷ୍ଟିରୁ ଶ୍ରୀ ପ୍ରଦୀପ କୁମାର ରାୟଙ୍କ ଏହି ସଂକଳନଟି ପ୍ରଶଂସନୀୟ। ଏହା ଓଡ଼ିଆ ପାଠକଙ୍କୁ ବିଶ୍ୱର ବିଭିନ୍ନ ନାରୀଙ୍କ ଜୀବନ ଓ ଅବଦାନ ସହ ପରିଚିତ ହେବାର ସୁଯୋଗ ଦେଉଛି। ପୁସ୍ତକର ଶୀର୍ଷକ 'ଅନନ୍ୟା ଅତୁଳନୀୟା' ମଧ ଏହାର ବିଷୟବସ୍ତୁ ସହ ଯଥାର୍ଥ ସମ୍ପର୍କ ରଖେ। ଏଠାରେ ଅନନ୍ୟତା କେବଳ ଖ୍ୟାତିରେ ନାହିଁ, ଅତୁଳନୀୟତା କେବଳ ସଫଳତାରେ ନାହିଁ; ବରଂ ପ୍ରତିକୂଳ ପରିସ୍ଥିତିରେ ନିଜର ମାନବୀୟ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା, ଅନ୍ୟାୟ ବିରୋଧରେ ଠିଆ ହେବା ଓ ଅନ୍ୟମାନଙ୍କ ଜୀବନରେ ଆଶାର ଆଲୋକ ସାଜି ଛିଡାହେବାରେ ରହିଛି।

ଯେକୌଣସି ସଂକଳନର ମୂଲ୍ୟାୟନ କରିବାବେଳେ ଏହାର ସଫଳତା ସହିତ ସମ୍ଭାବ୍ୟ ସୀମାବଦ୍ଧତା ଉପରେ ମଧ ଦୃଷ୍ଟି ଦେବା ଆବଶ୍ୟକ। ଅଶୀଜଣ ନାରୀଙ୍କ ଜୀବନକୁ ଗୋଟିଏ ପୁସ୍ତକରେ ସ୍ଥାନ ଦେବା ନିଜେ ଏକ ବଡ଼ ଆହ୍ୱାନ। ତେଣୁ ପ୍ରତ୍ୟେକ ଜୀବନର ସମସ୍ତ ଦିଗକୁ ସମାନ ଗଭୀରତାରେ ଉପସ୍ଥାପନ କରିବା ସମ୍ଭବ ନ ହୋଇପାରେ। ଫିଚରର ସଂକ୍ଷିପ୍ତ ପରିସର ମଧ୍ୟରେ ଅନେକ ସମୟରେ ବିସ୍ତୃତ ଐତିହାସିକ ଓ ସାମାଜିକ ପୃଷ୍ଠଭୂମି ପାଇଁ ସୁଯୋଗ ସୀମିତ ରହିଥାଏ। ଏହି କାରଣରୁ ଏପରି ପୁସ୍ତକରେ ତଥ୍ୟର ପ୍ରାମାଣିକତା, ଘଟଣାର ଐତିହାସିକ ପୃଷ୍ଠଭୂମି ଓ ଉପଯୁକ୍ତ ସନ୍ଦର୍ଭର ଉଲ୍ଲେଖ ବିଶେଷ ଗୁରୁତ୍ୱ ବହନ କରେ। କୌଣସି ନାରୀଙ୍କ ଜୀବନରେ ଘଟିଥିବା ଘଟଣାକୁ କେବଳ ଭାବପ୍ରବଣତାରେ ନୁହେଁ, ତଥ୍ୟ ଓ ଇତିହାସର ଆଲୋକରେ ମଧ ବୁଝିବା ଉଚିତ। ବିଶେଷକରି ବିବାଦୀୟ କିମ୍ବା ଅଳ୍ପପରିଚିତ ଐତିହାସିକ ପ୍ରସଙ୍ଗରେ ଏହି ସତର୍କତା ଅଧିକ ଆବଶ୍ୟକ। ଯାହା ପ୍ରତି ସଂକଳକ ଶ୍ରୀ ରାୟ ବିଶେଷ ଧ୍ୟାନ ଦେଇଛନ୍ତି ।

ଏହି ପୁସ୍ତକ ପଢ଼ିବା ପରେ ଆମ ମନରେ ଯେଉଁ ପ୍ରଶ୍ନଟି ଉଠିବା ସ୍ୱାଭାବିକ, ତାହା ହେଉଛି- ଯେଉଁ ନାରୀମାନେ ଅସଂଖ୍ୟ ପ୍ରତିବନ୍ଧକ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରିପାରିଲେ, ଆମେ କାହିଁକି ଆଜି ମଧ ନାରୀଙ୍କ ସ୍ୱାଧୀନତା, ସମାନତା ଓ ମର୍ଯ୍ୟାଦାକୁ ନେଇ ଏତେ ସଂଘର୍ଷ ଦେଖୁଛୁ ? ଏହି ପ୍ରଶ୍ନ ହିଁ ପୁସ୍ତକଟିକୁ କେବଳ ପ୍ରେରଣାଦାୟୀ ନୁହେଁ, ଚିନ୍ତନଶୀଳ ମଧ କରିଥାଏ। ମୋ ମତରେ, ଏହି ପୁସ୍ତକର ପାଠକୀୟ ପରିସର କେବଳ ଲେଖକ ଓ ସାହିତ୍ୟପ୍ରେମୀଙ୍କ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଗବେଷକ ଏବଂ ସାମାଜିକ ପରିବର୍ତ୍ତନରେ ଆଗ୍ରହୀ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହା ଏକ ଉପାଦେୟ ପାଠ୍ୟ। କାରଣ, ମହାନ ଜୀବନୀ ପଢ଼ିବାର ଅର୍ଥ କେବଳ ମହାନ ବ୍ୟକ୍ତିଙ୍କୁ ଜାଣିବା ନୁହେଁ; ନିଜ ଭିତରେ ଥିବା ସମ୍ଭାବନାକୁ ଚିହ୍ନିବା ଏବଂ ଅନ୍ୟର ଯନ୍ତ୍ରଣାକୁ ବୁଝିବା ମଧ।

ଅଶୀ ଜଣ ନାରୀଙ୍କ ଜୀବନକଥାକୁ ଏକାଠି କରି ଓଡ଼ିଆ ପାଠକଙ୍କ ପାଖରେ ପହଞ୍ଚାଇଥିବା ଶ୍ରୀ ପ୍ରଦୀପ କୁମାର ରାୟଙ୍କ ଏହି ପ୍ରୟାସ ନିଶ୍ଚୟ ପ୍ରଶଂସାର ଯୋଗ୍ୟ। ତାଙ୍କର ଏହି ସଂଗ୍ରହ ଓ ଅନୁବାଦ ପ୍ରଚେଷ୍ଟା ପାଇଁ ସାଧୁବାଦ ଜଣାଇବା ସହିତ ଆଶା କରିବା ଯେ, ଏପରି ପୁସ୍ତକ ଆହୁରି ଅନେକ ପାଠକଙ୍କ ପାଖରେ ପହଞ୍ଚିବ ଏବଂ ନୂତନ ପିଢ଼ିଙ୍କୁ ଜୀବନକୁ ଅଧିକ ଗଭୀରତାରେ ବୁଝିବାର ପ୍ରେରଣା ଦେବ।



ସମୀକ୍ଷା :
ଶ୍ରୁତକିର୍ତ୍ତୀ ତ୍ରିପାଠୀ

# ଖୋରଧା ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ



ଖୋରଧା , ୦୭/୧୧ (ନି.ପ୍ର): ସମଗ୍ର ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଥିବା ବେଳେ ଅନୁରୂପ ଭାବେ ଖୋରଧା ଜିଲ୍ଲାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ପୌରହିତ୍ୟରେ ସ୍ଥାନୀୟ ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଲ୍ଲା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋରଧା ଏବଂ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀଯୁକ୍ତ ୬ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଦିବସକୁ ଉଦ୍ଘାଟନ କରି କହିଲେ ଖୋରଧା ମାଟି ପବିତ୍ର ମାଟି ଯେଉଁଠି ପଣ୍ଡିତ ଗୋଦାବରୀଶ ମିଶ୍ର ଜନ୍ମ ନେଇଥିଲେ । ମାନବ ସମ୍ବଳର ପ୍ରଥମ ପର୍ଯ୍ୟାୟ ହେଲା ପ୍ରାଥମିକ ଶିକ୍ଷା , ସେହିପରି ସମାଜ ଗଠନ ପାଇଁ ପ୍ରାଥମିକ ଶିକ୍ଷାକ୍ଷ ମୁଳୁଦୁଆ ଅଟେ । ଯେଉଁ ରାଜ୍ୟ ବା ରାଷ୍ଟ୍ର ର ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ଯେତେ ସୁଦୃଢ ସେ ଅଞ୍ଚଳ ଓ ସମାଜ ସେତେ ଉନ୍ନତ । ବର୍ତ୍ତମାନ ସରକାର ପ୍ରାଥମିକ ଶିକ୍ଷା କୁ ଗୁରୁତ୍ୱ ପ୍ରଦାନ କରି କମ୍ପ୍ୟୁଟର ଶିକ୍ଷା, ଡିଜିଟାଲ କ୍ଲାସ ରୁମ୍, ବିଜ୍ଞାନ ଗାର ଏବଂ ୫ ଏକର ଜାଗାରେ କ୍ରୀଡ଼ା କୁ ପ୍ରାଧାନ ଦେଇ ତଥା ୨୦୨୦ କେନ୍ଦ୍ର ଶିକ୍ଷାନୀତୀ କୁ ଆପଣେଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି, ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ କହିଲେ ରାଜ୍ୟ ସରକାରଙ୍କର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଏକ ଅଭିନବ ଯୋଜନା ଏବଂ ଶିକ୍ଷା ଜଗତରେ ଏକ ବୈପ୍ଲବିକ ପରିବର୍ତ୍ତନ ଯାହା ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ଗଢି ତୋଳିବା ସହ ସୁନ୍ଦର ଭବିଷ୍ୟତ ପାଇଁ ଦିଗ ଦର୍ଶନ ଦେବ । ଉପ ସଭାପତି, ଜିଲ୍ଲା ପରିଷଦ,ଶ୍ରୀ ଗୋପୀନାଥ ମହାରଣା ଯୋଗଦେଇ କହିଲେ ଗୋଦାବରୀଶ ମିଶ୍ରଙ୍କର ନାମରେ ଯେଉଁ ଶିକ୍ଷା ବ୍ୟବସ୍ଥା ରାଜ୍ୟ ସରକାର ପ୍ରଣୀତ କରିଛନ୍ତି ତାହା ସ୍ୱର୍ଗତ ମିଶ୍ରଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଅଟେ। ସେହିପରି ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଖୋରଧା ବ୍ଲକ୍ ଉପାଧକ୍ଷ ପ୍ରକାଶ ସାମନ୍ତରାୟ,ବ୍ଲକ୍ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦେଇ ଗୋଦାବରୀଶ ମିଶ୍ରଙ୍କ ଶିକ୍ଷା ଜୀବନୀ ଏବଂ ପ୍ରାଥମିକ ଶିକ୍ଷା ରେ ତାଙ୍କର ଅବଦାନ ଉପରେ ଆଲୋକ ପାତ କରିଥିଲେ । ସଭାପତି ଭାଷଣରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ କହିଲେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସଂସ୍କରଣରେ ଖୋରଧା ଜିଲ୍ଲାରେ ମୋଟ ୭୦ ଗୋଟି ବିଦ୍ୟାଳୟ ସାମିଲ ହୋଇଛି ଯାହା ସମଗ୍ର ରାଜ୍ୟରେ ଖୋରଧା ଜିଲ୍ଲା ଏହି ଯୋଜନାରେ ଦ୍ୱିତୀୟ ସ୍ଥାନ ରେ ସ୍ଥାନିତ ଅଛି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏହି ଯୋଜନା ବିଶ୍ୱ ସ୍ତରୀୟ ଶିକ୍ଷା ପ୍ରଦାନରେ ମାଇଲଷ୍ଟୋନ ଅଟେ । ନୂଆ ଶୈକ୍ଷିକ ପରିବେଶ ଏବଂ ଆମ ପରିବର୍ତ୍ତିତ ପ୍ରାଥମିକ ଶିକ୍ଷା ପରିଚୟର ଭିତ୍ତି ଭୂମି ଅନୁଯାୟୀ ଆମର ଶିକ୍ଷା ଦାନ କୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉନ୍ନତ ମାର୍ଗରେ ଶିକ୍ଷା ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କୁ ତାରା କୁଣ୍ଡ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଡ଼ଃ ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ସ୍ୱାଇଁ, ବିଜୟ ବେହେରା,ଭାଜପା ରାଜ୍ୟ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ମାନ୍ୟବର ସାଂସଦ, ଭୁବନେଶ୍ୱରଙ୍କ ପ୍ରତିନିଧି ଦିଲ୍ଲୀପ ହୋତା, ଭାଜପା ଜିଲ୍ଲା କର୍ମକର୍ତ୍ତା ବଳରାମ ଲେଙ୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ପ୍ରେସ କ୍ଲବ ସଭାପତି ତପନ କୁମାର ନାୟକ , ଡି ଇ ଜି ଏମ ମାନସ କୁମାର ବ୍ରହ୍ମା,ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ , ତ୍ରିସ୍ତରୀୟ ପଞ୍ଚାୟତ ରାଜ ପ୍ରତିନିଧି,ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ପୁରାତନ ଛାତ୍ର ସଂସଦ ସଦସ୍ୟ ସଦସ୍ୟା ଏବଂ ଗଣ ମାଧମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ । ଶ୍ରୀକାନ୍ତ ନାୟକ ମଞ୍ଚ ପରିଚାଳନା କାର୍ଯ୍ୟ ସମ୍ପାଦିତ କରିଥିଲେ । ରାଜ୍ୟସ୍ତରୀୟ ସମାରୋହ କେନ୍ଦୁଝର ଠାରୁ ପ୍ରସାରିତ ହୋଇଥିଲା । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ସମଗ୍ର ରାଜ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ର ତୃତୀୟ ପର୍ଯ୍ୟାୟ ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ ସମାରୋହର ରିମୋଟ ଦବାଇ ଶୁଭାରମ୍ଭ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଇସ୍ରାଏଲଲ ପାଇଁ ନୂଆ...

'ଜଏଣ୍ଟ ଲିଷ୍ଟ' ହେଉଛି ଇସ୍ରାଏଲର ଆରବ ଜନସଂଖ୍ୟାର ଅଧିକାରକୁ ନେଇ କଥା କହୁଥିବା ଏକ ରାଜନୈତିକ ମେଣ୍ଟ। ଏଥିରେ ୩ଟି ଭିନ୍ନ ଦଳ ସାମିଲ ଅଛନ୍ତି। ଏହି ମେଣ୍ଟରେ ଆରବ ନେତାଙ୍କ ସହ ଯିହୁଦୀ ନେତାମାନେ ମଧ ଅଛନ୍ତି। ହଦାଶ: ଏହା ଏକ ବାମପନ୍ଥୀ ଦଳ। ଆରବ ଓ ଯିହୁଦୀ ନାଗରିକଙ୍କ ସମାନତା, ଶ୍ରମିକଙ୍କ ଅଧିକାର ଏବଂ ପାଲେଷ୍ଟାଇନ ସହ ଶାନ୍ତିର ପକ୍ଷରେ ମତ ଦେଉଛି। ତାଲ୍: ଏହା ଅହମଦ ତିବିଙ୍କ ଦଳ। ଆରବ ନାଗରିକଙ୍କ ସମାନ ଅଧିକାର, ଶିକ୍ଷା ଓ ରୋଜଗାରରେ ଭଲ ସୁଯୋଗ ଏବଂ ପାଲେଷ୍ଟିନୀ ରାଷ୍ଟ୍ର ଗଠନକୁ ସମର୍ଥନ କରେ। ବଲଦ୍: ଏହା ଆରବ ଜାତୀୟତାବାଦୀ ଚିନ୍ତାଧାରାର ଏକ ଧର୍ମନିରପେକ୍ଷ ଦଳ। ଇସ୍ରାଏଲକୁ ଏମିତି ଏକ ଦେଶ ଭାବେ ଗଢ଼ିବାକୁ ଏହା ପକ୍ଷରେ ମତ ଦେଉଛି, ଯେଉଁଠାରେ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ମିଳିବ। କୌଣସି ନେତାଙ୍କ ନାମ ସିଫାରିଶ କରିନାହିଁ। ଏହି ଦଳ ପାଖରେ ୭ଟି ଆସନ ରହିଛି। ଦୀର୍ଘ ସମୟ ଧରି ଏହା ନେତନ୍ୟାହୁଙ୍କ ସହଯୋଗୀ ଥିଲେ ମଧ ଏଥର ତାଙ୍କଠାରୁ ଦୂରତା ବଢ଼ାଇଛି। ଇସ୍ରାଏଲରେ ରାଷ୍ଟ୍ରପତିଙ୍କ ପଦକୁ ସାଧାରଣତଃ ଔପଚାରିକ ବୋଲି ମନାଯାଏ, କିନ୍ତୁ ନିର୍ବାଚନ ପରେ ସରକାର ଗଠନ ପ୍ରକ୍ରିୟାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ରାଷ୍ଟ୍ରପତି ସେହି ନେତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରନ୍ତି, ଯାହାଙ୍କ ପାଖରେ ସଂସଦରେ ଅଧିକାଂଶ ସମର୍ଥନ ଯୋଗାଡ଼ କରିବାର ସବୁଠୁ ଭଲ ସମ୍ଭାବନା ରହିଛି। ଅଧିକ ସିଫାରିଶ ପାଇଥିବା ନେତାଙ୍କୁ ହିଁ ବାଛିବାକୁ ରାଷ୍ଟ୍ରପତି ବାଧ ନୁହନ୍ତି। ସରକାର ଗଠନର ସୁଯୋଗ ମିଳିଲେ ନେତାଙ୍କୁ ୨୮ ଦିନ ସମୟ ଦିଆଯାଏ। ଏହି ସମୟ ମଧ୍ୟରେ ସରକାର ଗଠନ ନହେଲେ ରାଷ୍ଟ୍ରପତି ଆଉ ୧୪ ଦିନ ଅତିରିକ୍ତ ସମୟ ଦେଇପାରନ୍ତି। ଅର୍ଥାତ୍ ମୋଟ ୪୨ ଦିନ ମଧ୍ୟରେ ସରକାର ଗଠନର ଚେଷ୍ଟା ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଇସ୍ରାଏଲର ନୂଆ ସଂସଦର ପ୍ରଥମ ବୈଠକ ନଭେମ୍ବର ୧୦ରେ ହେବାର ସମ୍ଭାବନା ରହିଛି। ଯଦି ଆଇଜେନକୋଟ କିମ୍ବା ନେତନ୍ୟାହୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସରକାର ଗଠନ କରିପାରିବେ ନାହିଁ, ତେବେ ରାଷ୍ଟ୍ରପତି ଅନ୍ୟ କୌଣସି ନେତାଙ୍କୁ ସୁଯୋଗ ଦେଇପାରନ୍ତି। ସମସ୍ତ ଚେଷ୍ଟା ବିଫଳ ହେଲେ ପୁଣିଥରେ ନିର୍ବାଚନ ହେବାର ପଥ ଖୋଲିପାରେ। ନିର୍ବାଚନରେ ନେତନ୍ୟାହୁଙ୍କ ମେଣ୍ଟ ଅଧିକ ଆସନ ଜିତିଥିଲା। ଅକ୍ଟୋବର ୨୭ରେ ହୋଇଥିବା ନିର୍ବାଚନରେ ନେତନ୍ୟାହୁଙ୍କ ଲିକୁଡ୍ ଦଳ ୨୭ଟି ଆସନ ଜିତି ସବୁଠୁ ବଡ଼ ଦଳ ହୋଇଥିଲା। କିନ୍ତୁ ତାଙ୍କ ସହ ମେଣ୍ଟରେ ଥିବା ଧାର୍ମିକ ଏବଂ ଜାତୀୟତାବାଦୀ ଦଳଗୁଡ଼ିକୁ ମିଶାଇ ମୋଟ ୫୩ଟି ଆସନ ମିଳିଥିଲା। ଅନ୍ୟପଟେ ଆଇଜେନକୋଟଙ୍କ ମେଣ୍ଟରେ ଥିବା ୪ଟି ଦଳ ୪୮ଟି ଆସନ ଜିତିଥିଲେ। ଏହି ମେଣ୍ଟରେ ମଧପନ୍ଥୀ, ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଦଳ ସାମିଲ ରହିଛନ୍ତି। ନିର୍ବାଚନରେ ଆରବ ଦଳଗୁଡ଼ିକ ରେକର୍ଡ ୧୯ଟି ଆସନ ହାସଲ କରିଛନ୍ତି।

## ବନ୍ୟା ଦୁର୍ଗତଙ୍କ...

ଏବେ ବି କିଛି ନିଖୋଜ ଲୋକଙ୍କ ଉଦ୍ଧାର ହୋଇପାରିନାହିଁ । ଏଭଳି ଦୁଃଖଦ ସମୟରେ ଉତ୍ସବ ପାଳନ ନକରିବାକୁ ନବୀନ ନିଷ୍ପତ୍ତି ନେଇଛନ୍ତି । ଏବେ ସେ ଗଞ୍ଜାମର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## କୋଟିଆ ପରେ...

ସମସ୍ତ ସୁବିଧା ବନ୍ଦ କରାଯିବା ନେଇ ଆନ୍ଧ୍ର ଚେତାବନୀ ଦେଇଥିବା କହିଛନ୍ତି ଜୁମଡାଙ୍ଗ ବାସିନ୍ଦା । ପାହାଡ଼ ଖଣିଖାଦାନରେ ପରିପୂର୍ଣ୍ଣ ଥିବାରୁ ଆନ୍ଧ୍ର ଏହାକୁ ନିଜ କବ୍‌ଜାକୁ ନେବାକୁ ଚେଷ୍ଟା କରୁଛି। ସେପଟେ କେବଳ ସଡ଼କ ନିର୍ମାଣକୁ ବାଦ୍ ଦେଲେ, ଜୁମଡାଙ୍ଗରେ ସେଭଳି କୌଣସି ଆଖିଦୃଶିଆ କାମ କରିନି ଓଡ଼ିଶା । ଏବେ ନିର୍ବାଚନକୁ ନେଇ ହଟଚମଟ ପରେ ଜୁମଡାଙ୍ଗରେ ମାପଚୁପ ସହ ବଳକା ଗାଁକୁ ସ୍ଥାୟୀ ପଟ୍ଟା ପ୍ରଦାନ, ବିଜୁଳି ଆଦି ସରକାରୀ ଯୋଜନା ପହଞ୍ଚାଇବାକୁ ତତ୍ପରତା ପ୍ରକାଶ ପାଇଛି। ଜୁମଡାଙ୍ଗ- କୋଟିଆ ପରି ଆନ୍ଧ୍ର ସୀମାରେ ଏମିତି ଆହୁରି ଅନେକ ଗାଁ ରହିଛି, ଯେଉଁଠି ଆନ୍ଧ୍ର ପ୍ରଶାସନ ଯୋଜନାର ଲୋଭ ଦେଖାଇ ଅବୈଧ ଅତିକ୍ରମ ଜାରି ରଖିଛି। ବେଳ ଥାଉ ଥାଉ ସେଇ ଗାଁ ଗୁଡିକ ଚିହ୍ନଟ କରି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଦେଶବାସୀଙ୍କୁ ...

ଦୀପାବଳି ପ୍ରତ୍ୟେକ ଘରକୁ ସୁଖ, ସଦ୍ଭାବ ଓ ସମୃଦ୍ଧିରେ ଆଲୋକିତ କରୁ। ଏହି ପର୍ବ ଆମକୁ ଦୟା ପ୍ରସାର କରିବା, ସକାରାତ୍ମକ ଚିନ୍ତାଧାରା ଗ୍ରହଣ କରିବା ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମ କରିବାକୁ ପ୍ରେରଣା ଦେଉ। ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ସମୃଦ୍ଧ ଓ ବିକଶିତ ଭାରତ ନିର୍ମାଣ କରିବା ପାଇଁ ନୂତନ ଶକ୍ତି ଓ ଦୃଢ଼ ସଂକଳ୍ପ ସହିତ ଆଗକୁ ବଢ଼ିବାକୁ ଆହ୍ୱାନ କରିଥିଲେ।

## ଘରେ ନିଆଁ ଲାଗି ...

୨୨ ବର୍ଷୀୟ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଓ ବାଲିଚନ୍ଦ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ। ଏହି ଅଘଟଣ ପରେ ସମଗ୍ର ନଳିପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ବାଲେଶ୍ୱର ଜିଲ୍ଲାର ଗଣତନ୍ତ୍ର ବଞ୍ଚାଇବା ପାଇଁ ବୁଦ୍ଧିଜୀବି ସମ୍ମିଳନୀ



ବାଲେଶ୍ୱର , ୦୭/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗଣତନ୍ତ୍ର ବଞ୍ଚାଇବା ପାଇଁ ବୁଦ୍ଧିଜୀବୀ ସମ୍ମିଳନୀ ବାଲେଶ୍ୱର ର ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ବାଲେଶ୍ୱର ଜିଲ୍ଲାର ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ମଞ୍ଚରେ ବାଲେଶ୍ୱର ଜିଲ୍ଲାର ସଦର ବିଧାୟକ ମାନସ କୁମାର ଦତ୍ତ,ବାଲେଶ୍ୱର ଜିଲ୍ଲାର ବିଜେପି ପୂର୍ବତନ ସଭାପତି ଓ ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ବିଜେପି ପ୍ରଭାରୀ ଉମାକାନ୍ତ ମହାପାତ୍ର,ବିଶ୍ୱ ହିନ୍ଦୁ ପରିଷଦ ର ମୁଖ୍ୟ ଭଗବାନ ଚନ୍ଦ୍ର ଖଣ୍ଡେଲ ୱାଲ ,ବାଲେଶ୍ୱର ଜିଲ୍ଲା ବିଜେପି ଉପସଭାପତି ସିପ୍ରା ବାଜପେୟୀ, ଜିଲ୍ଲା ବିଜେପି ଉପସଭାପତି ଓ ସମାଜ ସେବୀ ଗୌରାଙ୍ଗ ଦାସ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଏସିଷ୍ଟେଣ୍ଟ ଚିତ୍ତ ରଞ୍ଜନ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ବିଜେପିର ପର୍ଶୁରାମ ବେହେରା, ବରିଷ୍ଠ ବିଜେପି ନେତା ଓ ସମାଜ ସେବୀ ସୁଜିତ୍ ଦେବ, ନାରୀ ନେତ୍ରୀ ପୂର୍ବତନ ମ୍ୟୁନିସପାଲିଟି ଚେୟାରମେନ ରଶ୍ମି ରେଖା ଦେବ ବିଜେପିର ସକ୍ରିୟ ସଦସ୍ୟ ପର୍ଶୁ ପରିଡ଼ା , ବିଜେପି ନାରୀ ନେତ୍ରୀ ମମତା ମହାପାତ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମଞ୍ଚ ତଳେ ଇ.ଇ.ଠ.ଚ ଛାତ୍ର ଛାତ୍ରୀ ଶହ ଶହ ସଂଖ୍ୟାରେ ଜନ ସାଧାରଣ, ବହୁ ବୁଦ୍ଧିଜୀବୀ,ଗୁଣି ଜ୍ଞାନୀ ଲୋକେ ଆଗ୍ରହ ର ସହ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ଈଶ୍ୱର ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଦେଶ ଆଗକୁ ଯାଉଥିବା ବେଳେ କଂଗ୍ରେସ ଦଳ ଓ ତାହାର ସହଯୋଗୀ ଦଳ ଇଣ୍ଡୀ ମେଣ୍ଟ ଜରିଆରେ ଦେଶରେ ଅରାଜକତା ଓ ହିଂସା ରକ୍ତପାତ ଯୁଗ ଆରମ୍ଭ କରିବାକୁ ଯାଉଛି। ଏହା ଗଣତନ୍ତ୍ର ପାଇଁ ବିପଦ ଆଗାମୀ ଦିନରେ ବୁଦ୍ଧିଜୀବୀ ଓ ପୁରୁଷ ମହିଳା ମାନେ ଏହାକୁ ପ୍ରତ୍ୟାଖାନ ନ କଲେ ଦେଶର ଅରାଜକତା ବ୍ୟାପିବ ଫଳରେ ଦେଶର ପରିସ୍ଥିତି ଅତି ଭୟା ବହ ହେବ । ତେଣୁ ବୁଦ୍ଧିଜୀବୀ ଗୁଣିଜ୍ଞାନି ଲୋକେ ସଚେତନ ହେବା ଫଳରେ ଗଣତନ୍ତ୍ର ବଞ୍ଚିବ ଦେଶ ଆଗକୁ ଯିବ ମୋହନ ମାଝୀ ଓ ମୋଦି ସରକାରଙ୍କ ହାତ ମୁଠାକୁ ଶକ୍ତ କରିବା ସେହିପରି ସଦର ବିଧାୟକ ମାନସ କୁମାର ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ, ଜାତି ଭେଦ ଭୁଲି ନିଜର ମାତୃ ଭୂମି କୁ ରକ୍ଷା କରିବା ଦରକାର ଓ ଦେଶରେ ଯେଉଁ ନୀତି ନିୟମ ଅଛି ତାହାକୁ ବଜାୟ ରଖିବା ମାନିବା ଦରକାର । ଓ ସୁପ୍ରିମ କୋର୍ଟ ରାଏକୁ ମାନିବା ଦରକାର ଓ ନିର୍ବାଚନ କମିଶନ ଙ୍କ ୟ.ଓ.ଜ କୁ ସର୍ବ ସମତିକୁ ମାନିବା ଦରକାର। ଅନ୍ୟଥା ଦେଶରେ ଅରାଜକତା ସୃଷ୍ଟି କଲେ ଗଣତନ୍ତ୍ର ବିପଦ ଦେଖା ଦେବ ତେଣୁ ଗଣତନ୍ତ୍ର କୁ ବଞ୍ଚାଇବା ପାଇଁ ରକ୍ଷା କରିବା ଦରକାର। ସେହିପରି ଅନ୍ୟ ଅତିଥି ମାନେ ଦେଶ ମାତୃକା ରକ୍ଷା ପାଇଁ କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ଚାଟାର୍ଜୀ , ମନୋଜ ଧଳ , ପର୍ଶୁ ପରିଡ଼ା , ଛୁଆ ମହାନ୍ତି ଓ ବିଜେପିର କାର୍ଯ୍ୟ କାରି ସଦସ୍ୟ ଓ କର୍ମୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ବହୁ ପ୍ରତୀକ୍ଷାର ଅନ୍ତ: ଚରମ୍ପା ବିକାଶର ନୂଆ ଅଧ୍ୟାୟ

ଭଦ୍ରକ, ୦୭/୧୧ (ନି.ପ୍ର): ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟାଇ ଆଜି ବହୁ ପ୍ରତୀକ୍ଷିତ 'ଚରମ୍ପା ଫିଡର୍ ରୋଡ୍‌ର ଶୁଭ ଲୋକାର୍ପଣ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ, ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଓ ଲୋକସଭା ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ଭଦ୍ରକ ବିଧାୟକ ସିତାଂସୁ ଶେଖର ମହାପାତ୍ର ଙ୍କ ସମେତ ଜନପ୍ରତିନିଧି ଓ ଅଧିକାରୀବୃନ୍ଦଙ୍କ ଉପସ୍ଥିତି ଏହି ଅବସରକୁ ଅଧିକ ଗରିମାମୟ କରିଥିଲା।ଏହା କେବଳ ଏକ ରାସ୍ତା ନୁହେଁ, ଚରମ୍ପାବାସୀଙ୍କ ଦୀର୍ଘଦିନର ସ୍ୱପ୍ନର ସାକାର ରୂପ। ଏହା ଯାତାୟାତ ସହ ଅଞ୍ଚଳର ବାଣିଜ୍ୟ ଓ ବିକାଶକୁ ନୂଆ ଗତି ଦେବ ବୋଲି ବିଧାୟକଙ୍କ ସମେତ ଅତିଥି ମାନେ ମତ ପ୍ରକାଶ କରିଥିଲେ।

# ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବା କୁଖ୍ୟାତ ନକ୍ସଲ ଥାନେରୁ ଗିରଫ

ନୂଆଦିଲ୍ଲୀ,୭/୧୧ : ମହାରାଷ୍ଟ୍ରର ଥାନେ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଡୋମ୍ବିଭାଲି ନିକଟସ୍ଥ ଠାକୁରଲି ଅଂଚଳରୁ ଝାଡ଼ଖଣ୍ଡର ଜଣେ ୱାଣ୍ଟେଡ୍ ନକ୍ସଲକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସଞ୍ଜୟ ସରୋଜ ଯାଦବ ଓରଫ ସଞ୍ଜୟ ଗୋଡରାୟ ଓରଫ ବୁଧରାମ (୪୫) ବୋଲି ଚିହ୍ନଟ କରାଯାଇଛି। ଝାଡ଼ଖଣ୍ଡ ସରକାର ତା' ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।ସଞ୍ଜୟ ଯାଦବ ଝାଡ଼ଖଣ୍ଡର ଏକ ଜଙ୍ଗଲ ଅଂଚଳର ନିବାସୀ। ଗତ ଦଶ ଦିନ ଧରି ସେ ଠାକୁରଲିରେ ରହୁଥିଲା । ଝାଡ଼ଖଣ୍ଡର ସୁରକ୍ଷା ଏଜେନ୍ସିମାନେ ତାଙ୍କୁ ଖୋଜୁଥିଲେ। ସେ ମହାରାଷ୍ଟ୍ରରେ ପହଂଚିବା ବିଷୟରେ ସୂଚନା ପାଇବା ପରେ ମହାରାଷ୍ଟ୍ର ଏଟିଏସ୍ ଠାକୁରଲି ଅଂଚଳରେ ନଜର ରଖିବା ଆରମ୍ଭ କରିଥିଲା ଏବଂ ଉଚିତ୍ ସୁଯୋଗ ପାଇବା ମାତ୍ରେ ତାଙ୍କୁ ଗିରଫ କରିଥିଲା। ଗିରଫ ପରେ ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲା।

# ତଳିଆ ଉ.ପ୍ରା ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ବାସୁଦେବପୁର , ୦୭/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆ ଗଡ଼ିଆ ପଞ୍ଚାୟତର ତଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ବିଦାୟୀ ସହକାରୀ ଶିକ୍ଷକ କୃପାସିନ୍ଧୁ ପଣ୍ଡାଙ୍କ ର କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ଏହି ଅବସରରେ ଶ୍ରୀ ପଣ୍ଡାଙ୍କ ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥି ସହିତ ଏହି ବିଦ୍ୟାଳୟର ବରେଣ୍ୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପାଣିଗ୍ରାହୀ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇ ଯାଇ ଥିବାରୁ ଏହି ଅବସରରେ ଶ୍ରୀ ପାଣିଗ୍ରାହୀଙ୍କ ପାଇଁ ମଧ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମନ୍ମଥ କୁମାର ଅଗସ୍ତି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଏ ବି ଇ ଓ ଉର୍ମିଳା କର, ସି ଆର ସି ସି ପ୍ରିୟବ୍ରତ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାଢ଼ୀ,ବରିଷ୍ଠ ଶିକ୍ଷକ ଅମୀୟ କୁମାର ପାଣିଗ୍ରାହୀ,ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ତପସ୍ୱିନୀ ବାରିକ୍, ସ୍କୁଲ୍ ପରିଚାଳନା କମିଟି ସଭାପତି ସରୋଜ କୁମାର ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ବିଦାୟୀ ସହକାରୀ ଶିକ୍ଷକ କୃପାସିନ୍ଧୁ ପଣ୍ଡା ଓ ଅନ୍ୟ ସ୍କୁଲକୁ ବଦଳି ହୋଇ ଥିବା ବରେଣ୍ୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପାଣିଗ୍ରାହୀ ନିଜ ନିଜର ଶିକ୍ଷା ଜୀବନର ସ୍ମରଣୀୟ ଅନୁଭୂତି ବର୍ଣ୍ଣନା କରିଥିଲେ ଏବଂ ଏହି ଉତ୍ସବରେ ଶ୍ରୀ ପଣ୍ଡା ଓ ଶ୍ରୀ ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢୌକନ ତଥା ବିଭିନ୍ନ ପ୍ରକାରର ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ସ୍କୁଲ୍ ପରିଚାଳନା କମିଟି ସଭାପତି ସରୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପ୍ରଧାନ ଶିକ୍ଷୟତ୍ରୀ ତପସ୍ୱିନୀ ବାରିକ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସୁକାନ୍ତି ନାୟକ, ବନ୍ଦନା ମହାପାତ୍ର ଓ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଦୀର୍ଘଦିନର ଅପେକ୍ଷାର ଅନ୍ତ: ବାସ୍ତବ ରୂପ ନେବାକୁ ଯାଉଛି ମିରିଗିମୁଣ୍ଡିଠାରୁ ଓଲାଡ଼ି ଘାଟ ରାସ୍ତାର ଉନ୍ନତିକରଣ

## ୫ କୋଟି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ମାନସ ଦତ୍ତ




ବାଲେଶ୍ୱର , ୦୭/୧୧ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଗ୍ରାମୀଣ ଭିତ୍ତିଭୂମି ବିକାଶ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ୫ କୋଟି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏନ୍.ଏଚ୍.-୬୦ (ମିରିଗିମୁଣ୍ଡି) ଠାରୁ ହୁଜା ଦେଇ ଓଲାଡ଼ି ଘାଟ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ। ଏହି ରାସ୍ତାର ଉନ୍ନତିକରଣ ପାଇଁ ସ୍ଥାନୀୟ ଜନସାଧାରଣ ଦୀର୍ଘଦିନ ଧରି ଆଶା ରଖିଥିଲେ। ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧାକୁ ପ୍ରାଥମିକତା ଦେଇ ଏହି ପ୍ରକଳ୍ପକୁ ଆଗେଇ ନିଆଯାଇଛି। ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମିରିଗିମୁଣ୍ଡି, ହୁଜା, ଓଲାଡ଼ି ଘାଟ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ଉପକୃତ ହେବେ। ବିଶେଷକରି ଛାତ୍ରଛାତ୍ରୀ, କୃଷକ, ବ୍ୟବସାୟୀ, ରୋଗୀ ଓ ଦୈନନ୍ଦିନ ଯାତାୟାତ କରୁଥିବା ସାଧାରଣ ଲୋକଙ୍କ ପାଇଁ ଗମନାଗମନ ବ୍ୟବସ୍ଥା ଅଧିକ ସୁଗମ ହେବ। ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ କହିଛନ୍ତି, 'ଅଞ୍ଚଳବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାହା ଆଜି ବାସ୍ତବତାର ରୂପ ନେବାକୁ ଯାଉଛି । ଏହି ରାସ୍ତାର ଉନ୍ନତିକରଣ ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘଦିନର ଆଶା ଥିଲା। ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ମୋ ପାଇଁ ଅତ୍ୟନ୍ତ ଖୁସିର ବିଷୟ।' ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉନ୍ନତ ସଡ଼କ ଯୋଗାଯୋଗ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ଏକ ଉନ୍ନତ ରାସ୍ତା କେବଳ ଯାତାୟାତର ମାଧ୍ୟମ ନୁହେଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି ଓ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବାର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ଏହି ପ୍ରକଳ୍ପ ଦ୍ୱାରା ଗ୍ରାମାଞ୍ଚଳ ଓ ମୁଖ୍ୟ ସଡ଼କ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ବୋଲି ବିଧାୟକ ମତ ପ୍ରକାଶ କରିଥିଲେ। ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଅଞ୍ଚଳରେ ମୌଳିକ ଭିତ୍ତିଭୂମିର ବିକାଶ, ଉନ୍ନତ ଗମନାଗମନ ବ୍ୟବସ୍ଥା ଓ ଜନସାଧାରଣଙ୍କ ଜୀବନଯାତ୍ରାକୁ ସହଜ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରହିଛି। ଆଗାମୀ ଦିନରେ ମଧ ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଏଭଳି ବିକାଶମୂଳକ ପ୍ରକଳ୍ପକୁ ପ୍ରାଥମିକତା ଦିଆଯିବ ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିରୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପର୍ଯ୍ୟନ୍ତ ଏହି ଯାତ୍ରା ବାଲେଶ୍ୱର ସଦରର ଗ୍ରାମୀଣ ଭିତ୍ତିଭୂମି ବିକାଶରେ ଆଉ ଏକ ନୂତନ ଅଧ୍ୟାୟ ଯୋଡ଼ିଛି। ଅନ୍ୟ ମାନଙ୍କ ମଧ୍ୟରେ ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ମାରାଣ୍ଡି, ସହକାରୀ ଯନ୍ତ୍ରୀ ଉପେନ୍ଦ୍ର ବେହେରା ତଥା ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ।

# ଆଭାସି ମାଧମରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଆପାଳ , ୦୭/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ୬୩୦ ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଛି। ଆଭାସି ମାଧମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ସ୍ଥିତ ବଡତାଳପଦା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଡଗରା ପ୍ରାଥମିକ ବିଦ୍ୟାଳୟ ଏହି କ୍ରମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାନ୍ୟତର ସୁଯୋଗ ପାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଭାସି କାର୍ଯ୍ୟକ୍ରମରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୋମା ରାଣୀ ସେଠୀ, ବିଧାୟିକାଙ୍କ ସ୍ୱପ୍ରତିନିଧି ଗୋବିନ୍ଦ ପ୍ରସାଦ ଦାସ, ସରପଞ୍ଚ କାଞ୍ଚନ ବାଳା ମାହାନା, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ସମିତି ସଦସ୍ୟା ଗାୟତ୍ରୀ ମଙ୍ଗରାଜ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁ, ସିଆରସିସି ପତିତପାବନ ପ୍ରଧାନ, ପ୍ରୋଗ୍ରାମ କୋର୍ଡ଼ିନେଟର ବ୍ୟୋମକେଶ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ସୁକାନ୍ତ କୁମାର ପରିଡା, ଅମିତା ରାଣୀ ଦାସ, ନିହାର ରଞ୍ଜନ ଜେନା, ଚତୁର୍ଭୁଜ କରଣ,ଶିବେଶ କୁମାର ମହାପାତ୍ର, ତଥା ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ରବିବାର, ନଭେମ୍ବର ୦୮, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସାଇବର ନିରାପଦ ସଚେତନତା ଆଲୋଚନାଚକ୍ର

ନୀଳଗିରି , ୦୭/୧୧ (ନି.ପ୍ର): ଡିଭାଇନ୍ ଏଜୁକେସନାଲ୍ ଚାରିଟେବୁଲ ଟ୍ରଷ୍ଟ ଓ ୱାଇଲ୍ଡ ଲାଇଫ ଫାଉଣ୍ଡେସନ ତଥା ବାଲେଶ୍ୱର ପୋଲିସର ମିଳିତ ଆନୁକୂଲ୍ୟରେ ନୀଳଗିରି ସ୍ଥିତ ଡିଭାଇନ କର୍ମିଟେଟିଭ ଶିକ୍ଷାଅନୁଷ୍ଠାନ ପ୍ରାଙ୍ଗଣରେ ସାଇବର ନିରାପଦ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଯାହାର ଆବଶ୍ୟକତା ସମାଜର ପ୍ରତିଟି ଯୁବବର୍ଗ ପାଇଁ ଆବଶ୍ୟକ। ପ୍ରକାରନ୍ତରେ ଯୁବ ଓ ଛାତ୍ରଛାତ୍ରୀ ମାନଙ୍କପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାସ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସାଇବର ଥାନା ଅଧିକାରିଣୀ ମୀନା ବିନ୍ଧାଣୀ, ନୀଳଗିରି ଏସ.ଡି.ପି ଓ ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ ,ୱାଇଲ୍ଡ ଲାଇଫ ଫାଉଣ୍ଡେସନର ସଭାପତି - ମନୋରଞ୍ଜନ ଦାସ,ସମ୍ପାଦକ - ଅସିତ୍ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଡିଭାଇନ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ରଙ୍କ ଦ୍ୱାରା ଅତିଥିମାନଙ୍କୁ ଉପହାର ଓ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୁବ ବର୍ଗ ତଥା ଟ୍ରଷ୍ଟ ସଦସ୍ୟ ସଦସ୍ୟା ସହିତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶେଷ ଭାବରେ ଅପରାଧ ସମ୍ପର୍କିତ ବଳିଷ୍ଠ ଆଲୋଚୋନା ମାନ କରାଯାଇଥିଲା ଯେପରି ଲିଙ୍କରେ କ୍ଲିକ୍ ନକରିବା,ବ୍ୟକ୍ତିଗତ ତଥ୍ୟ ସୋସିଆଲ୍ ମିଡିଆରେ ନ ଦେବା,ଅଜଣାଲୋକଙ୍କ ସହ ସାମାଜିକ ଗଣମାଧ୍ୟମରେ ସମ୍ପର୍କ ନ ରଖିବା , ସିମ୍ କିଣିବାବେଳେ ତଥ୍ୟ ପ୍ରତି ଗୁରୁତ୍ୱ ଦେବା, ହନିଟ୍ରାପର ଶିକାର ହେବାଭଳି କୌଣସି କାର୍ଯ୍ୟ ନ କରିବା , ଡିଜିଟାଲ ଧମକରେ ଭୟଭୀତ ନହେବା , ଆବଶ୍ୟକ ସ୍ଥଳେ ନିକଟିତ ପୋଲିସକୁ ସୂଚନା ଦେବା, ନାବାଳିକା ଓ ମହିଳାଙ୍କ କ୍ଷେତ୍ରରେ ଅଶ୍ଳୀଳ ଆଚରଣରେ ସଂଶ୍ଳିଷ୍ଟ ନହେବା, ଅଜଣା ଆପ୍ ଡାଉନଲଡ୍ ନକରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ସଂଚାର ସାଥିର ସହଯୋଗ ନେବା, ଆର୍ଥିକ ଦେଣନେଣ କ୍ଷେତ୍ରରେ ଖୁବ୍ ସତର୍କତା ଅବଲମ୍ବନ କରିବା ଇତ୍ୟାଦି ଯୁବ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ ହୋଇଥିଲା।

# ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

## ବାଲିଆପାଳ ପୂଜ୍ୟପୂଜା ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ




ବାଲିଆପାଳ , ୦୭/୧୧ (ନି.ପ୍ର): ଜଣେ ମହାନ ଚିକିତ୍ସକ, ସମାଜସେବୀ ଭାବେ ସମାଜ ପ୍ରତି ଅତୁଳନୀୟ ଅବଦାନ ରଖିଯାଇଥିବା ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ବାଲିଆପାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ସ୍ମୃତି ଓ କୃତିତ୍ୱକୁ ମନେ ପକାଇ ବାଲିଆପାଳ ପୂଜ୍ୟପୂଜା ସାହିତ୍ୟ ସଂସଦ ପକ୍ଷରୁ ସତସଙ୍ଗ ବିହାର ପରିସରରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି ସଂସଦର ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସାହିତ୍ୟିକ କାଳୀପଦ ପଣ୍ଡା, ସତସଙ୍ଗ କେନ୍ଦ୍ରର ମୁଖ୍ୟ ଜଗନ୍ନାଥ ପ୍ରଧାନ, ଭୁବନମୋହନ ପିଳା, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ନଳିନୀକାନ୍ତ ପାଢ଼ୀ, ବିଜୟ ପାତ୍ର, ସାମ୍ବାଦିକ ପ୍ରକାଶ ପ୍ରଧାନ, ଭୀମ ବେହେରା, ଶଚୀନ୍ଦ୍ର ନନ୍ଦୀ, ସାମ୍ବାଦିକ ବୀରମାଧବ ଦାସ, ଶିକ୍ଷୟିତ୍ରୀ ରଶ୍ମିତା ସି, ସୁଜାତା ସାହୁ,ଆଦିକନ୍ଦ ଗିରି ,ମୁରଲୀଧର ଗଙ୍ଗାଇ, ଗୁରୁପ୍ରସାଦ ଜେନା, ବିଦ୍ୟୁତପ୍ରଭା ସାମଲ, ପୂଜାରାଣୀ ସାହୁ ଓ ପ୍ରଫୁଲ୍ଲ ବାଗ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଡାକ୍ତର ମହାପାତ୍ରଙ୍କ ଜୀବନାଦର୍ଶ, କର୍ମମୟ ଜୀବନ, ଅସାଧାରଣ କୃତିତ୍ୱ ଓ ସମାଜ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଭାବବିହ୍ୱଳ ସ୍ମୃତିଚାରଣ କରିଥିଲେ ସେ ଥିଲେ । ନୂଆ ଦିଲ୍ଲୀ ଏମ୍ସର ସ୍ନାୟୁଶଲ୍ୟ ବିଭାଗର ମୁଖ୍ୟ ତଥା ଓଡିଶା ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ । ରୋଗୀଙ୍କ ପାଇଁ ତାଙ୍କର ନମ୍ର ଓ ଭଦ୍ର ବ୍ୟବହାର ସମସ୍ତଙ୍କୁ ଆକର୍ଷିତ କରୁଥିଲା । ବକ୍ତାମାନେ କହିଥିଲେ ଯେ, ଡାକ୍ତର ଅଶୋକ କୁମାର ମହାପାତ୍ର କେବଳ ଜଣେ ସଫଳ ଚିକିତ୍ସାବିତ୍ ନଥିଲେ, ସେ ଥିଲେ ଜଣେ ମାନବିକ ମୂଲ୍ୟବୋଧର ପ୍ରତୀକ ଓ ସମାଜ ପାଇଁ ଏକ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ। ନିଜର ଜ୍ଞାନ, ଦକ୍ଷତା, ନିଷ୍ଠା ଓ ସେବା ମନୋଭାବ ଦ୍ୱାରା ସେ ଅସଂଖ୍ୟ ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ତାଙ୍କର ବିୟୋଗ କେବଳ ଚିକିତ୍ସା ଜଗତ ପାଇଁ ନୁହେଁ, ବରଂ ସମଗ୍ର ସମାଜ ଓ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଆଦର୍ଶ, ସେବା ଓ ମହତ୍ କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଦିବଂଗତ ମହାନ ଆତ୍ମାଙ୍କ ଅମର ସଦ୍‌ଗତି କାମନା କରି ସଭାରେ ଉପସ୍ଥିତ ସମସ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲ ଶେଷରେ ବ୍ୟୋମକେଶ ସାହୁ ଧନ୍ୟବାଦ ଦେଇଥିଲେ।

## ବଡାପାଳ କ୍ଲଷ୍ଟର ପଞ୍ଚମ ବୈଠକ ଅନୁଷ୍ଠିତ

ବାଲିଆପାଳ , ୦୭/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡାପାଳ କ୍ଲଷ୍ଟର ପଞ୍ଚମ ବୈଠକ ବଡାପାଳ ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ଜେନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସିଆରସିସି ତପନ ରାଉତ,ସିଆରଜି ପବନ କୁମାର ଦେ ଯୋଗଦେଇ ପ୍ରତ୍ୟେକ ମାସର ପିଲାଙ୍କୁ ପଢାଯାଉ ଥିବା ପୂର୍ବ ଓ ପରର ବିବରଣୀ ପ୍ରସଙ୍ଗରେ ଆଲୋଚନା କରିଥିଲେ। କ୍ଲଷ୍ଟର ଅଧୀନରେ ଥିବା ୧୩ ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ଜେନା , ଜ୍ୟୋତି ଶଙ୍କର ଜେନା, ଗଣେଶ ଚନ୍ଦ୍ର ବେହେରା, ଚିନ୍ମୟ ଜେନା, ସମରେନ୍ଦ୍ର ଜେନା, ଗୋବିନ୍ଦ ପ୍ରସାଦ ଦାସ, ରଘୁନାଥ ଗଙ୍ଗାଇ, ଅଂଶୁମାନ ପରିଡା, ମନୋରଞ୍ଜନ ଜେନା, ସ୍ନେହଲତା ବେହେରା, ରାଜଶ୍ରୀ ଦେ, ଗିତାଞ୍ଜଳି ଦାସ, ମମତା ରାଣୀ ପିଳା, ଶିବାନୀ ଗିରି ପ୍ରମୁଖ ସହଯୋଗ କରିଥିଲେ।

# ବଡ଼ାମଶାଳର ଉନ୍ନତି ପାଇଁ ଗୋଠସାହି ଗ୍ରାମବାସୀଙ୍କ ଦାବି



ଉଦଳା, ୦୭/୧୧ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଗୋଠସାହି ଠାରେ ଥିବା ବଡ଼ାମଶାଳର ଉନ୍ନତି ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି ।ଏହି ଗ୍ରାମରେ ଖଡ଼ିଆ ଜନଜାତିର ଲୋକେ ବସବାସ କରୁଥିବା ବେଳେ ବଡ଼ାମଶାଳହିଁ ତାଙ୍କର ଆରାଧନାର ପୀଠ ଅଟେ । ବିଭିନ୍ନ ଗ୍ରାମ ମାନଙ୍କରେ ଥିବା ଦିହଁ ଦେବତାଙ୍କର ଆସ୍ଥାନ ସ୍ଥଳକୁ ସରକାର ଆର୍ଥିକ ଅନୁଦାନ ଯୋଗାଇଦେବା ସହ ଉନ୍ନତି ପାଇଁ ଉଦ୍ୟମ କରୁଛନ୍ତି । ଅଥଚ ଗୋଠସାହିରେ ଥିବା ବଡ଼ାମଶାଳକୁ ଏପର୍ଯ୍ୟନ୍ତ କୌଣସି ସରକାରୀ ଅନୁଦାନ ମିଳିନଥିବାର କଥା ଗ୍ରାମବାସୀ କହିଛନ୍ତି । ଉକ୍ତ ବଡ଼ାମଶାଳରେ ବର୍ତ୍ତମାନ ବିରଭଦ୍ର ନାଏକ ଓ ନରସିଂହ ନାଏକ ପୂଜକ ଭାବରେ ନିୟୋଜିତ ଅଛନ୍ତି। ଗ୍ରାମକୁ ଆସୁଥିବା ସବୁପ୍ରକାର ବିପଦ ଆପଦରୁ ବଡ଼ାମ ଠାକୁର ହିଁ ରକ୍ଷା କରନ୍ତି ବୋଲି ଗ୍ରାମବାସୀଙ୍କର ବିଶ୍ୱାସ ରହିଛି। ଆଜି ନଭେମ୍ବର ୭ ତାରିଖ ଶନିବାର ଦିନ ଲୋକ ସଂଗଠନ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ରୁପାଏ ବାସ୍କେ, ସୁବ୍ରତ ମହାନ୍ତି ଓ କୈଳାଶ ନାୟକ ପ୍ରମୁଖ ଉକ୍ତ ଗ୍ରାମକୁ ପରିଦର୍ଶନରେ ଆସି ଲୋକଙ୍କ ସହିତ ଆଲୋଚନା କରୁଥିବା ସମୟରେ ଗ୍ରାମବାସୀ ଏ ବାବଦରେ ଜଣାଇଥିଲେ । ଏହା ସରକାରଙ୍କ ନଜରକୁ ଆଣିବା ସହ ଦାବି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବୁ ବୋଲି ସ୍ୱେଚ୍ଛାସେବି ମାନେ ପ୍ରତିଶୃତି ଦେଇଥିବାର ଜଣାଯାଇଛି । ଶିମିଳିପାଳରେ ଥିବା ଅଠର ଦେଉଳ ଖଡ଼ିଆ ଜନଜାତି ଲୋକଙ୍କର ମୁଖ୍ୟ ତୀର୍ଥ କ୍ଷେତ୍ର ହୋଇଥିବା ବେଳେ ଚାଙ୍ଗୁ ନାଚ ଓ ବଡ଼ାମଶାଳ ପ୍ରତି ଖଡ଼ିଆ ବସ୍ତି ଅଂଚଳରେ ଦେଖିବାକୁ ମିଳେ। ବାଥୁଡ଼ି ଜନଜାତି ଓ ଖଡ଼ିଆ ଜନଜାତିଙ୍କର ରିତି ନୀତି, ପରମ୍ପରା, ପୂଜାପାଠ ଓ ସଂସ୍କୃତି ସବୁକିଛି ସମାନ ଥିବାର ପରିଲକ୍ଷିତ ହୋଇଥାଏ । କିନ୍ତୁ ଏହି ଦୁଇ ଜନଜାତିଙ୍କର ଏକତ୍ର ମିଳନ ଦେଖାଯାଏ ନାହିଁ। ତେବେ ଏହାର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି କଥା ଶୁଣାଯାଇ ନାହିଁ।

## ରାମ ମନ୍ଦିର ନିର୍ମାଣକୁ ହଜମ କରିପାରୁନି କଂଗ୍ରେସ: ବିଜେପି

ନୂଆଦିଲ୍ଲୀ, ୦୭/୧୧ (ନି.ପ୍ର): ରାମ ମନ୍ଦିର ନିର୍ମାଣକୁ ନେଇ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛି ଭାରତୀୟ ଜନତା ପାର୍ଟି (ବିଜେପି)। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଏକ ଲେଖାକୁ ନେଇ ବିଜେପି ନେତା ତରୁଣ ଚୁଗ୍ ତାଙ୍କୁ ଟାର୍ଗେଟ୍ କରିଛନ୍ତି। ଭାରତ ଋଷି, ମୁନି ଓ ତପସ୍ୱୀଙ୍କ ଭୂମି। ତେଣୁ ଦେଶର ସଂସ୍କୃତିକୁ ଅପମାନିତ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ବିଜେପିର ଜାତୀୟ ମୁଖ୍ୟାଳୟ ପ୍ରଭାରୀ ତଥା ସାଂସଦ ତରୁଣ ଚୁଗ୍ ଶନିବାର ଗଣମାଧ୍ୟମକୁ କହିଛନ୍ତି ଯେ, କଂଗ୍ରେସକୁ ଶ୍ରୀରାମ ମନ୍ଦିର ନିର୍ମାଣ ହଜମ ହେଉନାହିଁ। ଶ୍ରୀରାମ ମନ୍ଦିର ନିର୍ମାଣକୁ ରୋକିବା ପାଇଁ କଂଗ୍ରେସ ଉଦ୍ୟମ କରିଥିଲା ଏବଂ ଏହାର ନେତାମାନେ ଅଦାଲତରେ ସତ୍ୟପାଠ ଦାଖଲ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତରେ ଐତିହ୍ୟ ଓ ବିକାଶ ଏକାସାଙ୍ଗରେ ଆଗକୁ ବଢ଼ୁଛି। ଅଯୋଧ୍ୟାରେ ଶ୍ରୀରାମ ଜନ୍ମଭୂମିରେ ଭବ୍ୟ ମନ୍ଦିର ନିର୍ମାଣ, ବାରାଣସୀରେ ଶ୍ରୀ କାଶୀ ବିଶ୍ୱନାଥ କରିଡର ଏବଂ ଶ୍ରୀ ସ୍ୱର୍ଣ୍ଣ ମନ୍ଦିର ନିକଟରେ କରିଡରର ବିକାଶ ଏହାର ଉଦାହରଣ। କଂଗ୍ରେସକୁ ପ୍ରଶ୍ନ କରି ଚୁଗ୍ କହିଛନ୍ତି ଯେ, ଜରୁରୀକାଳୀନ ପରିସ୍ଥିତି ଲାଗୁ କରି ସାମ୍ବିଧାନିକ ଓ ନାଗରିକ ଅଧିକାରକୁ କିଏ ଦଳି ଦେଇଥିଲା ? ୧୯୮୪ ମସିହାରେ ଗାନ୍ଧୀ-ନେହରୁ ପରିବାରର ନିର୍ଦ୍ଦେଶରେ ହତ୍ୟାକାଣ୍ଡ ଚାଲିଥିବା ବେଳେ ସୋନିଆ ଗାନ୍ଧୀ କେଉଁଠି ଥିଲେ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଶବାସୀ ଚାହୁଁଛନ୍ତି ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଯେ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏକ ଖବରକାଗଜରେ ପ୍ରକାଶିତ ନିଜ ଲେଖାରେ ଗତ ୧୨ ବର୍ଷ ମଧ୍ୟରେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା, ସାମ୍ବିଧାନିକ ଅନୁଷ୍ଠାନ ଏବଂ ସାମାଜିକ ସଦ୍‌ଭାବକୁ ବ୍ୟାପକ କ୍ଷତି ପହଞ୍ଚିଥିବା ଅଭିଯୋଗ କରିଥିଲେ।

# ଆଦିବାସୀ ନୃତ୍ୟର ତାଳେ ତାଳେ ବାଉଁଶଗଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଖଇରା, ୦୭/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ବିରିପଡିଆ ରେ ୪ତାରିଖରୁ ଆରମ୍ଭ ହୋଇଥିବା ୪୦ତମ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଦିନ ଆଦିବାସୀ ନୃତ୍ୟର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି। ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ କେନ୍ଦୁଝର ଜିଲା ସାରପଡାର ପିଲଚୁ ଉମୁଲ ଆଦିବାସୀ ଜୁଆନ ଫୁଟବଲ କ୍ଲବ ମୟୂରଭଞ୍ଜ ଜିଲା ଶରତସ୍ଥିତ ଜେପିଏସ ରଜତନଗରକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି । କେଦାରନାଥ କୁଲୁଣ୍ଡିଆ,କେଶବ ସୋରେନ,ଚାମ୍ପାଇ ସୋରେନ, ଜିତେନ୍ଦ୍ର ସିଂ,ଲାଦୁରା ମହାକୁଡ ରେଫେରୀ ଓ ରଜତ ତିରିଆ ଏବଂ ଦିପୁ ସୋରେନ ଭାସ୍ୟକାର ଦାୟିତ୍ୱ ତୁଲାଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଯୁବନେତା ନିଳମାଧବ ପଣ୍ଡା ମୁଖ୍ୟଅତିଥି,ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଷ ପ୍ରସାଦ ମହାପାତ୍ର,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ଯୁବ ମୋର୍ଚ୍ଚା ଉପସଭାପତି ଶିବ ଶଙ୍କର ଖିଲାର,ସମିତିସଭ୍ୟା ପ୍ରତିନିଧି ଶ୍ରୀକାନ୍ତ ବେହେରା,ସଫଳ ବ୍ୟବସାୟୀ ଗଜେନ୍ଦ୍ର ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବାଉଁଶଗଡିଆ ଅଞ୍ଚଳ ଫୁଟବଲ ଖେଳ ପରମ୍ପରାକୁ ବଞ୍ଚାଇ ରଖିଥିବାରୁ ଅଞ୍ଚଳବାସୀଙ୍କୁ ପ୍ରଶଂଶା ପ୍ରଦାନ କରିଥିଲେ। ଶେଷରେ ଅତିଥି ମାନେ ବିଜୟୀ ଦଳକୁ ସିଲ୍ଡସହ ୨୦ହଜାର, ରନର୍ସଅପ ଦଳକୁ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏହାଛଡା ଏକ୍ସ ୱାରିଅର ଟିମର ଭକ୍ତ ହେମ୍ବ୍ରମକୁ ସମ୍ମାନଜନକ ଗୋଲ୍ଡେନ ବୋଟ ପ୍ରଦାନ କରାଯାଇଥିଲା ।

# ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ୨ ଘଣ୍ଟିଆ ଧାରଣା

ଜଳେଶ୍ୱର , ୦୭/୧୧ (ନି.ପ୍ର): ଜଳେଶ୍ୱର ଜି କେ ଭଟ୍ଟର ହସ୍ପିଟାଲ୍ ପରିସର ରେ ଶନିବାର ସକାଳ ସମୟ ରେ ସ୍ୱାସ୍ଥ୍ୟକେନ୍ଦ୍ର ଜି.କେ. ଭଟ୍ଟର ହସ୍ପିଟାଲରେ ଡାକ୍ତର ଅଭାବ ଓ ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥାକୁ ନେଇ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ସକାଳ ୯ ରୁ ୧୧ ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ଜି.କେ. ଭଟ୍ଟର ହସ୍ପିଟାଲରେ ୬ଟି ବିଶେଷଜ୍ଞ ଡାକ୍ତର ପଦବୀ ସମେତ ୧୫ଟି ଏଲ୍.ଟି.ଆର୍.ଏମ୍.ଓ. ପଦବୀ ମଞ୍ଜୁର ହୋଇଛି। ମାତ୍ର ବର୍ତ୍ତମାନ ୪ ଜଣ ଏଲ୍.ଟି.ଆର.ଏମ୍.ଓ. ଡାକ୍ତର, ଜଣେ ଭାରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଏବଂ ଜଣେ ଶିଶୁ ବିଶେଷଜ୍ଞଙ୍କୁ ନେଇ ହସ୍ପିଟାଲ ଚାଲୁଥିବାର ଅଭିଯୋଗ ହେଉଛି।ଏହି ହସ୍ପିଟାଲ ଉପରେ ଜଳେଶ୍ୱର ,ଭୋଗରାଇ ଅଞ୍ଚଳ ସମେତ ପଶ୍ଚିମବଙ୍ଗର ଅନେକ ରୋଗୀ ମଧ୍ୟ ନିର୍ଭର କରନ୍ତି। ତେଣୁ ମେଡିସିନ୍, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ଓ ନିଷ୍ଚେତକ ବିଶେଷଜ୍ଞଙ୍କ ସମେତ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀରେ ତୁରନ୍ତ ଡାକ୍ତର ନିଯୁକ୍ତି କରି ଜଳେଶ୍ୱର ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାକୁ ପରିଷଦ ଦାବି କରିଛି।ସାଧାରଣ ସଂପାଦକ,ରାମ ଚନ୍ଦ୍ର ଜେନା, ରଘୁନାଥ ମହାନ୍ତି , ସଭାପତି ଡ ରାମାକାନ୍ତ ଭଂଜ, ଅଜିତ୍ କୁମାର ମହାନ୍ତି, ଅକ୍ଷୟ କୁମାର ମିଶ୍ର, ଜିତରାମ ଦେ, ଅବନି ଚାନ୍ଦ,ରଶ୍ମିତା ଘୋଷ , ଅଞ୍ଜଳୀ ସାମଲ ଧାରଣା ରେ ଉପସ୍ଥିତ ଥିଲେ । ଏହି ଦାବି ପତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ଉଦ୍ଦେଶ୍ୟ ରେ ହସ୍ପିଟାଲ୍ ର ମୁଖ୍ୟ ଦିଲ୍ଲୀପ ପାତ୍ର ଙ୍କୁ ପ୍ରଦାନ କରଯାଇଛି।

# ଭକ୍ତି ସାହିତ୍ୟ ହିଁ ମଣିଷ ଜୀବନର ପ୍ରକୃତ ମାର୍ଗଦର୍ଶକ




ବାରିପଦା, ୦୭/୧୧ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ପ୍ରତିଶ୍ରୁତି' ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ୩ନଂ ୱାର୍ଡ ସ୍ଥିତ ସତ୍‌ସଙ୍ଗ ଭବନ ପରିସରରେ ଏକ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ପବିତ୍ର କାର୍ତ୍ତିକ ମାସର ରମା ଏକାଦଶୀ ତିଥିରେ ପ୍ରତିଷ୍ଠାନର ସଭାପତି ଡାଃ ପାର୍ଥ ସାରଥୀ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରବଚନ ସମାରୋହରେ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ଅଧ୍ୟାତ୍ମତତ୍ତ୍ୱବିତ୍ ବୀରଭଦ୍ର ସିଂହ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଂପୂର୍ଣ୍ଣ ଆତ୍ମସମର୍ପଣର ଭାବ ରହିଲେ ଜୀବ ଭଗବାନଙ୍କର ନିକଟତର ହୋଇପାରିବ ବୋଲି ମତ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ଦନ୍ତଚିକିତ୍ସକ ଡା. ଅଭିଜିତ୍ ଜେନା ଯୋଗ ଦେଇ ଈଶ୍ୱରଙ୍କ ଆଶୀର୍ବାଦ ବିନା ମଣିଷ ଉଚ୍ଚତର ସୋପାନକୁ ଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଥିଲେ । ମୁଖ୍ୟ ପ୍ରବାଚକ ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ଦ୍ୱୈତ ଅଦ୍ୱୈତ ବାଦ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରବଚନ ପ୍ରଦାନ କରି ଶ୍ରୋତା ମାନଙ୍କୁ ଅଭିଭୂତ କରିଥିଲେ। ପ୍ରାରମ୍ଭରେ ଜଗନ୍ନାଥ ସଂସ୍କୃତିର ଗବେଷକ ଭାଗବତ ପଣ୍ଡା ରମା ଏକାଦଶୀର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଭକ୍ତି ସାହିତ୍ୟ ହିଁ ମଣିଷ ଜୀବନର ମାର୍ଗଦର୍ଶକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଡା. ଲକ୍ଷ୍ମୀକାନ୍ତ ପତି, କାଳିପଦ ଦେ ପ୍ରମୁଖ ସ୍ୱକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ପ୍ରତି ଏକାଦଶୀ ତିଥିରେ ସତ୍‌ସଙ୍ଗ ଭବନ ପରିସରରେ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ଡା. ଜେନା ଘୋଷଣା କରିବା ସହିତ ଶ୍ରୀମଦ୍ ଭଗବଦ୍ ଗୀତାର ଉପଦେଶ, ନିର୍ଦ୍ଦେଶ ଓ ସନ୍ଦେଶ କ'ଣ ତାହା ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଏହି ସମାରୋହକୁ ସଭ୍ୟା ଗୀତାରାଣୀ ସାହୁ, ଛବିରାଣୀ ସାହୁ, ସୁଧାମୟୀ ଦାସ, ପ୍ରଦୀପ ଚନ୍ଦ୍ର ନାୟକ, ବିଭୁ ମହାଳିକ, ବିଶ୍ୱଜିତ ମହାନ୍ତ, ଅଧ୍ୟାପକ ଗୋପାଳ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ଧଳ କମଳିନୀ ବେହେରା, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଆଞ୍ଚଳିକ କୃଷକ ମଞ୍ଚର ବିଶାଳ ଗଣବିକ୍ଷୋଭ: ଜନବସତିରୁ ଇକୋ ସେନ୍ସିଟିଭ୍ ଜୋନ ପ୍ରତ୍ୟାହାର ଦାବି




ନୀଳଗିରି , ୦୭/୧୧ (ନି.ପ୍ର): ଆଜକୁ ୨୭ଥର ନିଜର ହକ୍ ଦାବୀରେ ଆନ୍ଦୋଳନକୁ ଓହ୍ଲାଇଛୁ, ଦରକାର ପଡ଼ିଲେ ୨୭୦ଥର ଆନ୍ଦୋଳନ କରିବାକୁ ପଛାଇବୁ ନାହିଁ ବୋଲି ଆଜିର ଗଣବିକ୍ଷୋଭ ପ୍ରତିବାଦ ସଭାରେ ଗର୍ଜିଛି ନୀଳଗିରି ଆଞ୍ଚଳିକ କୃଷକମଞ୍ଚ। ସରକାର ଓ ପ୍ରଶାସନ ଆମ୍ଭକୁ ଛଳନାକରି ୨ଶହବର୍ଷରୁ ଉର୍ଦ୍ଧ୍ୱ ସମୟଧରି ବସବାସ କରୁଥିବା ଆମର ଭିଟାମାଟିକୁ ଛଡ଼ାଇ ନେବାକୁ ଚକ୍ରାନ୍ତ ଚଳାଇଛି ବୋଲି ଉକ୍ତସଭାରେ ବକ୍ତାମାନେ ମତରଖିଥିଲେ। ସୂଚନା ମୁତାବକ ନୀଳଗିରି କୁଲଡ଼ିହା ଅଭୟାରଣ୍ୟକୁ ଲାଗି ରହିଥିବା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ବା ଇକୋ ସେନ୍ସିଟିଭ୍ ଜୋନ୍(ଇ ଏସ ଜେଡ) ଯାହା ୨୦୧୬ମସିହା ଫେବୃଆରୀ ୨୪ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିଲେ ହେଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ମାତ୍ର ପ୍ରଶାସନ ସୀମାନିର୍ଦ୍ଧାରଣ କରି ଉକ୍ତ ଅଞ୍ଚଳରେ ବସବାସ କରୁଥିବା ୨୦୪ଟି ଗ୍ରାମକୁ ଇକୋ ସେନ୍ସିଟିଭ୍ ଜୋନ୍ ରୁ ହଟାଇବାକୁ ପ୍ରୟାସ ଜାରି ରଖିଛି। ଫଳରେ ଏସମସ୍ତ ଅଞ୍ଚଳରେ ସରକାରଙ୍କ ପ୍ରଦତ୍ତ ଜନକଲ୍ୟାଣ କାର୍ଯ୍ୟକ୍ରମ ଠପ୍ ହୋଇଯାଇଛି। ବିଶେଷକରି ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗକରୁଥିବା ନୀଳଗିରି ବଉଳଗଡ଼ିଆ ରାସ୍ତାର ଗଛକଟା ନହେବାରୁ ନିର୍ମାଣକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଇକୋ ସେନ୍ସିଟିଭ୍ ଜୋନ ପ୍ରତ୍ୟାହାର ଏବଂ ସୀମା ପୁନଃନିର୍ଦ୍ଧାରଣ ସହ ଜଙ୍ଗଲ, ଜଳ , ଜମି, ଆଦିବାସୀଙ୍କ ଅଧିକାର, ଜଙ୍ଗଲଜମି ପଟ୍ଟାପ୍ରଦାନ , ଶହଶହ ସଂଖ୍ୟାର ବିଦ୍ୟାଳୟ, ଅଙ୍ଗନବାଡ଼ି, କଲେଜ,ହସ୍ପିଟାଲ୍ ଓ ବିଭିନ୍ନ ସରକାରୀ ଅନୁଷ୍ଠାନ କ୍ଷତିଗ୍ରସ୍ତ ହେଉଥିବା ଦାବିରେ ଶନିବାର ହଜାରରୁ ଉର୍ଦ୍ଧ୍ୱଲୋକ ଏକ ବିଶାଳ ପଦଯାତ୍ରାରେ ନୀଳଗିରି ଜଗନ୍ନାଥ ମନ୍ଦିରରୁ ବାହାରି ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିବା ବେଳେ ଏଠାରେ ଏକସଭାର ଆୟୋଜନ ହୋଇଥିଲା। ଆଞ୍ଚଳିକ କୃଷକମଞ୍ଚ ଡାକରାରେ ନୀଳଗିରିର ଝରଣାଘାଟି ଠାରୁ ଔପଦାର ପିଣ୍ଡାବସା, ରାଣୀପୋଖରୀ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳର ଜନତା ଏହି ସଭାରେ ସମ୍ମିଳିତ ହୋଇଥିଲେ। ସଭାରେ କୃଷକମଞ୍ଚର ସଭାପତି ରାମଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ଉପସଭାପତି ଉମାକାନ୍ତ ମଲ୍ଲିକ, ଉପଦେଷ୍ଟା ନିରଞ୍ଜନ ବାରିକ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବରିଷ୍ଠନେତା କରୁଣାକର ପରିଡା, କୈଳାସଚନ୍ଦ୍ର ପଣ୍ଡା, ବିଜୟ ସ, ଆଇନଜୀବୀ ଅଜୟ ପଟ୍ଟନାୟକ, ଅନିରୁଦ୍ଧ ନାୟକ ପ୍ରମୁଖ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚର ସମ୍ପାଦକ ନିହାର ରଞ୍ଜନ ଜେନା ଇକୋ ସେନ୍ସିଟିଭ୍ ପ୍ରତ୍ୟାହାର ପାଇଁ ୫୭୮ଜଣ ବିକ୍ଷୋଭକାରୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ସଂଗ୍ରହ କରିଥିଲେ। ଉପ ଜିଲ୍ଲାପାଳଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରା, ମହିଳା ନେତ୍ରୀ ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଆଦିବାସୀ ନେତା ଜଗନ୍ନାଥ ଟୁଡୁ, ମନୋଜ ସିଂ ପ୍ରମୁଖ ବହୁକର୍ମୀ ସାମିଲ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida